# ପୋଖରୀରେ ବୁଡ଼ି ଜଣେ ମୃତ

ପାତ୍ରପୁର,୨୨।୮ (ସମିସ): ଜରଡ଼ା ଥାନା ଜରଡ଼ାଗଡ ଗ୍ରାମରେ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଗଙ୍ଗା ଡାକୁଆ (୬୧)। ଗୁରୁବାର ସନ୍ଧ୍ୟାରେ ଗଙ୍ଗା ନେଳିଆ ବନ୍ଧକୁ ଶୌଚ ହେବାକୁ ଯାଇ ଫେରି ନଥିଲେ। ଶୁକ୍ରବାର ସକାଳୁ ଗ୍ରାମବାସୀ ଗଙ୍ଗାର ଶବ ଭାସୁଥିବା ଦେଖି ଜରଡ଼ା ଥାନାକୁ ଜଣାଇଥିଲେ। ଖବର ପାଇ ପାତ୍ରପୁର ଦମକଳ ବାହିନୀ ଶବ ଉଦ୍ଧାର କରିଥିବା ବେଳେ ଜରଡ଼ା ରାଜସ୍ୱ ନିରୀକ୍ଷକ ସୌମ୍ୟ ରଞ୍ଜନ ପରିଡ଼ା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିବା ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

ଆସିକା,୨୨।୮ (ସମିସ): କୋଟିନଡ଼ା ଥାନା ଅନ୍ତର୍ଗତ କଲେଜ ଛକ ନିକଟରେ ଥିବା ଏକ ଫଳ ଦୋକାନରେ ଅଘଟଣ ଘଟିଛି। ଦୋକାନକୁ ଆସିଥିବା ଜଣେ ନାବାଳକଙ୍କର ସେଠାରେ ଲାଗିଥିବା ଇନଭର୍ଟରରୁ କରେଣ୍ଟ ଲାଗି ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ କଲେଜ ଛକ ଅଞ୍ଚଳର ପବିତ୍ର ପ୍ରଧାନ। ପବିତ୍ରଙ୍କୁ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଆସିକା ମେଡ଼ିକାଲ ଶବ ସଂରକ୍ଷଣ ଗୃହରେ ରଖିଥିବାବେଳେ କିପରି ଏହି ଅଘଟଣ ଘଟିଲା ସେନେଇ ତଦନ୍ତ ଚଳାଇଛି।

# ଓଲଟିଲା ଟ୍ରେଲର; ଚାଳକ ଗୁରୁତର

ଖଲ୍ଲିକୋଟ,୨୨।୮ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ବଡ଼ ଘାଟିରେ ଆଜି ଏକ କଣ୍ଟେନର ବୋଝେଇ ଟ୍ରେଲର ଓଲଟି ପଡ଼ିବାରୁ ଚାଳକ ଗୁରୁତର ହୋଇଛନ୍ତି। ବିଶାଖାପାଟଣାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା କଣ୍ଟେନର ବୋଝେଇ ଟ୍ରେଲର (ନଂ.ଏପି୧୬ ଟିଇ-୩୩୩୫) ବଡ଼ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ଗୁରୁତର ଡ୍ରାଇଭର ଜଣଙ୍କ ବିଶାଖାପାଟଣା ଗାଯୁଆକା ଦୁର୍ଗାନଗରର ଗୌରିନନ୍ଦ ରାଜୁ ବୋଲି ଜଣାପଡ଼ିଛି। ପୁଲିସ ଟ୍ରେଲର ଜବତ କରି ତଦନ୍ତ ଚଳାଇଛି।

# ଅକ୍ଷୟ ଉର୍ଜା ଦିବସ ପାଳିତ

ରମ୍ଭା,୨୨।୮ (ସମିସ): ରଘୁନାଥପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ଏବିଲିଟି ଇଣ୍ଡିଆ ଚାରିଟେବୁଲ ଟ୍ରଷ୍ଟର ସହଯୋଗରେ ଅକ୍ଷୟ ଉର୍ଜା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜ୍ଞାନ ଗୁରୁମା ସ୍ମୃତିରେଖା ବେହେରା ସୋଲାର ପ୍ୟାନେଲ ବ୍ୟବହାର କରି କିପରି ବିଦ୍ୟୁତ୍ ଉତ୍ପାଦନ କରିପାରିବା ସେ ବିଷୟରେ ଆଲୋକପାତ କରିଥିଲେ। ଗୁରୁମା ଜାଗୃତି ସାହୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଗୁରୁମା ସସ୍ମିତା ମହାରଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ଶକ୍ତି ସୁଦୁପଯୋଗ ଓ ସଂରକ୍ଷଣ ବିଷୟରେ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ଜ୍ୟୋତିର୍ମୟୀ ଦାଶ, ଦୀପା ସାହୁ, ସ୍ୱପ୍ନାରାଣୀ ପାତ୍ର, ପି ସଂଧ୍ୟା ପ୍ରଧାନ, ମାମାଲି ସାହୁ, ସୁନିତା ସାହୁ, ଅଞ୍ଜନା ମୁଦୁଲି, ବିଦେଶିନୀ ମାଳି, ପୂଜା ସ୍ୱାଇଁ, ସିଲି ପଲାଇ, ସୂର୍ଯ୍ୟକାନ୍ତି ନାହାକ, ଧୃଶାସନ ସାହୁ ସମେତ ସମସ୍ତ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବଡ଼ଗୋହିରି ରାସ୍ତା ବିପଦସଂକୁଳ



ଗଞ୍ଜାମ,୨୨।୮ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚାନ୍ଦ୍ରପୁର ପଞ୍ଚାୟତ ଡିଆଁଡେଇଁ ଗ୍ରାମ ନିକଟସ୍ଥ ବଡ଼ଗୋହିରି ରାସ୍ତାଟି ବିପଦସଂକୁଳ ଭାବେ ରହିଛି। ଏହି ରାସ୍ତାରେ ଦୈନନ୍ଦିନ ଚାଷୀ ମୁଣ୍ଡରେ ପନିପରିବା ବୋଝ ଧରି ଯିବାଆସିବା ବେଳେ ପାଦଚଲା ରାସ୍ତାଟିରେ ଗୋଡ଼ ଖସି ପଡି ଆହାତ ହେଉଛନ୍ତି। ଏନେଇ ଅନେକ ବର୍ଷ ଧରି ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ସ୍ଥାନୀୟ ଚାଷୀ ସମୂହ ଛୋଟିଆ ପୋଲ ନିର୍ମାଣ ନେଇ ଦାବି କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏନେଇ ତତ୍କାଳୀନ ବିଧାୟକ ଏନ. ନାରାୟଣ ରେଡ୍ଡି ତିନି ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ତାହା ପର୍ଯ୍ୟାପ୍ତ ନହେବାରୁ ପ୍ରକଳ୍ପ ହୋଇପାରିନଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ବଡ଼ଗୋହିରି ରାସ୍ତାରେ ପୋଲ ନିର୍ମାଣ ନେଇ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

# ତାରିଣୀ ରାଇସ୍ ମିଲ୍‌ରେ ଯୋଗାଣ ବିଭାଗର ଚଢ଼ଉ

ପୁରୁଷୋତ୍ତମପୁର,୨୨।୮ (ସମିସ)

## ନିୟମିତ ଚଢ଼ଉ; ହେଉନି କାର୍ଯ୍ୟାନୁଷ୍ଠାନ, ବଢୁଛି ସନ୍ଦେହ



ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ପୁରୁଷୋତ୍ତମପୁର ବ୍ଲକ ବାଲିଆ ଗ୍ରାମସ୍ଥିତ ମା' ତାରିଣୀ ରାଇସ୍ ମିଲ୍ ଉପରେ ରାଜ୍ୟସ୍ତରୀୟ ତିନିଜଣିଆ ଟିମ୍ ସହ ପୁଲିସ ଉପସ୍ଥିତିରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ୮ ଜଣିଆ ଟିମ୍ ଚଢ଼ଉ କରିଛନ୍ତି। ମିଲ୍‌ର କାଗଜପତ୍ର ସହ ଜାଲ୍ ଦସ୍ତଖତ କେଉଁଠାରୁ ଆଣିଲେ। କିଭଳି ଜାଲ କାଗଜପତ୍ର ମିଲ୍ କଲା ଏବଂ ଗଚ୍ଛିତ ଚାଉଳର ମାନ, ପରିମାଣ ଓ ଓଜନ ମାପକ ଯନ୍ତ୍ର ଭଳି ବିଭିନ୍ନ ଜିନିଷ ଯାଞ୍ଚ କରାଯାଇଛି।

ତେବେ ଏହି ଚଢ଼ଉକୁ ନେଇ ମିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ପଷ୍ଟିକରଣ ମିଳିପାରିନଥିବା ବେଳେ ଉପସ୍ଥିତ ଅଧିକାରୀମାନେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କୌଣସ ସଠିକ୍ ତଥ୍ୟ ଦେଇନଥିଲେ। ତେଣୁ ଏଥିରୁ ଦୁର୍ନୀତି ହୋଇଥିବା ସ୍ପଷ୍ଟ ବାରି ହେଉଛି। ନିୟମିତ ଯାଞ୍ଚ ପ୍ରକ୍ରିୟା ଚାଲିଛି ଯାଞ୍ଚ ପରେ ସମ୍ପୂର୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ।

ମା' ତାରିଣୀ ରାଇସ୍ ମିଲ୍‌କୁ ଯୋଗାଣ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଉଛି ହେଲେ ତ୍ୱରିତ୍ ପଦକ୍ଷେପ ନେବାକୁ କାହିଁକି ବିଳମ୍ବ ଦେଖାଉଛି ଯୋଗାଣ ବିଭାଗ ପ୍ରଶ୍ନବାଚୀ ସୃଷ୍ଟି କରିଛି।। ମା' ତାରିଣୀ ରାଇସ୍ ମିଲ୍ ସରକାରଙ୍କୁ ବାକି ଥିବା ଧାର୍ଯ୍ୟ ପରିମାଣ ଧାନ ଓ ଚାଉଳ ଗୋଦାମରେ ଷ୍ଟକ୍ ସଠିକ ନଥିବା ନେଇ ଗତ ୭ ତାରିଖରେ ୨ଟି ଗୋଦାମ୍‌କୁ ଜଉମୁଦ ଦେଇ ସିଲ୍ ଓ ପୁଣି ଗତ ୧୯ ତାରିଖରେ ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ବିନୋଦ କୁମାର ବେହେରା, ପୁଲିସ ଓ ଜିଲ୍ଲା ଯୋଗାଣ ଅଧିକାରୀ ଜଉମୁଦ ସିଲ୍ ଖୋଲି ପେପର ସିଲ୍ କରାଯାଇଥିଲା।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୋଲସରା,୨୨।୮ (ସମିସ): ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଉଭିଦ ବିଜ୍ଞାନ ବିଭାଗ ପକ୍ଷରୁ +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସମ୍ପାଦକ ଡ଼ଃ ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ +୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ତିନି ବିଭାଗ ଶୈକ୍ଷିକ ଅଧିକାରୀ ତଥା ଉଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼ଃ ରୋଜିତା ମିଶ୍ର, ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ମନୋଜ କୁମାର ସାହୁ, ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ଼ଃ ବିରଞ୍ଚି ନାରାୟଣ ରଥ, ଉଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଦେବାଶିଷ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟାପକ ଓ କର୍ମଚାରୀ ସଂଘର ଆନ୍ଦୋଳନ




ଶେରଗଡ଼,୨୨।୮ (ସମିସ): ଶେରଗଡ଼ ଉଦୟ ପ୍ରତାପ ଡିଗ୍ରୀ ମହାବିଦ୍ୟାଳୟର ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀ ସେମାନଙ୍କ ପୂର୍ଣ୍ଣ ଅନୁଦାନ ରାଶି ପ୍ରଦାନ ଦାବିରେ ସାମୂହିକ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ସଂଘର ରାଜ୍ୟ ସଭାପତି ବିଶ୍ୱ ରଞ୍ଜନ ଦାସଙ୍କ ପରାମର୍ଶ କ୍ରମେ ସମସ୍ତ ମହାବିଦ୍ୟାଳୟ ଭଳି ଶେରଗଡର କର୍ମଚାରୀ ମାନେ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଭାବେ ଧାରଣା ଦେଉଛନ୍ତି। ଯେହେତୁ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ମହାବିଦ୍ୟାଳୟ ୨୦୦୮ରୁ ୨୦୧୮ ମଧ୍ୟରେ ଅଧ୍ୟାପକ, ଅଧ୍ୟାପିକାଏବଂ କର୍ମଚାରୀମାନେ ନିଯୁକ୍ତି ପାଇଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଉପଯୁକ୍ତ ଅନୁଦାନ ରାଶି ମିଳୁନାହିଁ। ପ୍ରତିବାଦରେ ସଂଘ ପକ୍ଷରୁ ସମସ୍ତ କର୍ମଚାରୀ ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ସ୍ୱାଇଁଙ୍କୁ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଧାରଣାରତ କର୍ମଚାରୀ କହିଛନ୍ତି। ଆନ୍ଦୋଳନ ସମୟରେ ସଂଘର ବଳଭଦ୍ର ଦାସ, ସଦାନନ୍ଦ ତ୍ରିପାଠୀ, ଆଲୋକ କୁମାର ତ୍ରିପାଠୀ, ପ୍ରଶାନ୍ତ କୁମାର ସାହୁ, କାଳୁ ନାହାକଙ୍କ ସହ ସମସ୍ତ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ରାଉନ୍‌ସୁଗର ଜବତ; ୩ ଗିରଫ

ଭଞ୍ଜନଗର,୨୨।୮ (ସମିସ): ଭଞ୍ଜନଗର ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ପୁଲିସ ପ୍ରାୟ ୩୨ ଗ୍ରାମ ବ୍ରାଉନସୁଗାର ଜବତ ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ବୋଲି ଭଞ୍ଜନଗର ଏଏସ୍‌ପି ରଞ୍ଜନ କୁମାର ଦେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ସମୟରେ ଭଞ୍ଜନଗର ଏସଡିପିଓ ଡ. ଦୀପକ ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଘଟଣାରୁ ପ୍ରକାଶ ଯେ, ଭଞ୍ଜନଗର ସହର ଭେଜିପୁଟର ଜଣେ ଯୁବକ, ବାଉଁଶଲୁଣ୍ଡିର ଜଣେ ଏବଂ ଓଡ଼ଗାଁର ଜଣେ ଯୁବକ ଗୁରୁବାର ରାତିରେ ବ୍ରାଉନସୁଗାର ଧରି ବେଲଗୁଣ୍ଠା ରୋଡ଼ରୁ ଭଞ୍ଜନଗର ଅଭିମୁଖେ ଆସୁଥିଲେ। ଉକ୍ତ ବ୍ରାଉନସୁଗାରକୁ ସେମାନେ ସହରର ବିଭିନ୍ନ ଯୁବକଙ୍କୁ ବିକ୍ରି କରିଥାନ୍ତେ। ଏହାପୂର୍ବରୁ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଭଞ୍ଜନଗର ଅତିରିକ୍ତ ତହସିଲଦାର ଅବିନାଶ ମହାରଙ୍କ ଉପସ୍ଥିତିରେ ଜବତ ବ୍ରାଉନସୁଗାରକୁ ଓଜନ କରାଯାଇଥିଲା।

# ଗୋପାଳ ସମାଜର ସାଧାରଣ ବୈଠକ



ବେଲଗୁଣ୍ଠା,୨୨।୮ (ସମିସ): ବେଲଗୁଣ୍ଠା ଗୋପାଳ ସମାଜ ପଡିଆ ମୁଠାର ନନ୍ଦୋତ୍ସବ ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ମୁଠା ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ, ଘୁମୁସର ବିଜେପି ମଣ୍ଡଳ ସଭାପତି ନୀଳମାଧବ ପାତ୍ର, କନ୍ଧମାଳ ସାଂସଦ ପ୍ରତିନିଧି ରବୀନ୍ଦ୍ର ଗୌଡ଼, ବରିଷ୍ଠ ଆଇନ ପରାମର୍ଶଦାତା ଅଭିମନ୍ୟୁ ଗୌଡ, ତାଲୁକା ସଭାପତି ଶିବ ଶଙ୍କର ପ୍ରଧାନ, ସମ୍ପାଦକ ମାଲ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ପୁଅ ଝିଅଙ୍କୁ ପାଠ ପଢ଼ାଇ ମଣିଷ କରିଲେ ଭାରତବର୍ଷର ଐତିହ ସଂସ୍କୃତି ଓ ପରମ୍ପାର ଅଧିକ ଉଜ୍ଜ୍ୱଳ୍ୟ ହୋଇଉଠିବ ବୋଲି ସୋରଡ଼ା ବିଧାୟକ ଶ୍ରୀ ବିଷୋୟୀ କହିଛନ୍ତି। ଏହି ଅବସରରେ ସୋରଡା ବିଧାୟକ ଶ୍ରୀ ବିଷୋୟୀ ସମାଜ ଗୃହର ଉନ୍ନତି ପାଇଁ ୨ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମକୁ ନୃସିଂହ ଚରଣ ଗୌଡ, ଅମୀୟ ଗୌଡ଼, ସମିତି ସଭ୍ୟ ଜିରୋଲି ପ୍ରଫୁଲ୍ଲ କୁମାର ଗୌଡ଼, ପିତବାସ ଗୌଡ଼ଙ୍କ ସମେତ କୁଳର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି



ଆସିକା,୨୨।୮ (ସମିସ): ଶୁକ୍ରବାର ଆସିକା ବ୍ଲକ ସଭାଗୃହ ପରିସରରେ ମନରେଗା ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ସହାୟତାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଯୋଗଦେଇ ଥିବା ବେଳେ ମଞ୍ଚାସୀନ ଥିଲେ ଆସିକା ତହସିଲଦାର ସଙ୍ଗୀତା ସେଣ, ବିଡ଼ିଓ ଲିପିନା ଦାସ, ଓଏସ ରଚିତା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅନିମା ପରିଡା, ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ମଲାଣ। ୨୭ଟି ପଞ୍ଚାୟତରେ ମନରେଗା ଯୋଜନାରେ ଚାଲିଥିବା କାର୍ଯ୍ୟ ସହ କାର୍ଯ୍ୟରେ ଶ୍ରମିକ ନିୟୋଜିତ ଭଳି ପଞ୍ଚାୟତର ସୁବିଧା ଓ ଅସୁବିଧାକୁ ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ପଞ୍ଚାୟତର ଗ୍ରାମ ସେବକ, ପଞ୍ଚାୟତ ଅଫିସର ମାନେ ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବ ସରକାର ସମୟରେ ବ୍ଲକର ଅଧିକାଂଶ ପଞ୍ଚାୟତରେ ଚାଲିଥିବା ବହୁ ଉନ୍ନୟନମୂଳକ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଆଜି ପଯ୍ୟନ୍ତ ସେମାନଙ୍କ ବିଲ୍ ହୋଇ ନଥିବା ନେଇ ବହୁ ନିର୍ବାଚିତ ପ୍ରତିନିଧି କ୍ଷୋଭ ପ୍ରକାଶ କରିଥିଲେ।

# ସାପ କାମୁଡ଼ାରେ ଯୁବକ ମୃତ

ସାନଖେମୁଣ୍ଡି,୨୨।୮ (ସମିସ): ସାପ କାମୁଡ଼ାରେ ପାଟପୁର ଥାନା ଡେଙ୍ଗାଡି ପଞ୍ଚାୟତ କମଳାଦେଇପୁର ଗ୍ରାମର ଟୁଟୁ ଦାସ (୩୭)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଭୋରୁ ଟୁଟୁ କୋଠଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସେ ଚିତ୍କାର କରିବାରୁ ଶୋଇଥିବା ଅନ୍ୟ ଲୋକମାନେ ଉଠି ଟୁଟୁକୁ ଉଦ୍ଧାର କରି ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ମନ୍ତ୍ରୀଙ୍କ ଅନୁଗତ ଓ ଶାସକ ଦଳର କର୍ମୀଙ୍କ କ୍ଷେତ୍ରରେ ପୁଲିସର ପକ୍ଷପାତିତା ଅଭିଯୋଗ

# ଡିଜିଙ୍କୁ ଚିଠି ଲେଖିଲେ ଗଞ୍ଜାମ ଓକିଲ ସଂଘ ସଭାପତି

ବ୍ରହ୍ମପୁର,୨୨।୮ (ସମିସ): ସାଧାରଣ ଲୋକଙ୍କ ପାଇଁ ପୁଲିସର ଗୋଟିଏ ନିୟମ ଏବଂ ଶାସକ ଦଳର କର୍ମୀ ଓ ସମର୍ଥକଙ୍କ ପାଇଁ ଭିନ୍ନ ନିୟମ। ଏଭଳି ସଂଗୀନ ଅଭିଯୋଗ ଆଣି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି ଗଞ୍ଜାମ ଓକିଲ ସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ। କୌଣସି ମରଣାନ୍ତକ ତଥା ଅପରାଧିକ ମାମଲାରେ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କ ପରିବାର ସଦସ୍ୟଙ୍କୁ ଥାନାକୁ ଆଣି ଅଟକ ରଖିଥାଏ। ଫଳରେ ଚାପରେ ହେଉ ଅଥବା ବାଧ୍ୟବାଧକତାରେ ଅପରାଧୀ ଆତ୍ମସମର୍ପଣ କରିଥାଏ। ଗତ ଜୁଲାଇ ୨୯ରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଚଟି ଛକରେ ବ୍ରହ୍ମପୁରର ଜଣେ ଆଇନଜୀବୀଙ୍କ ପରିବାର ସଦସ୍ୟଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ଗୋପାଳପୁର ବିଧାୟକ ତଥା ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପୁତୁରା ଦୀପକ ଜେନା ଓ ତାଙ୍କ ସହଯୋଗୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ଗୋଳନ୍ଥରା ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ତେବେ ଦୀପକ ଜେନା ଫେରାର ଥିବା ଦର୍ଶାଇ ପୁଲିସ ଚୁପ୍ ବସିଥିବା ଆଇନଜୀବୀ ମନୋଜ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଡିଜି ହସ୍ତକ୍ଷେପ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। କେବଳ ଏହି ଗୋଟିଏ ଘଟଣା ନୁହେଁ ବରଂ ଏହାକୁ ମିଶାଇ କ୍ରମାଗତ ୩ଟି ଘଟଣା ଘଟିସାରିଛି ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ। ସମସ୍ତ ଘଟଣାରେ ମନ୍ତ୍ରୀ ବିଭୁତି ଜେନାଙ୍କ ନିକଟତମ ଲୋକଙ୍କ ସମ୍ପୃକ୍ତି ଥିବା ଜଣାପଡିଥିବା ବେଳେ ସବୁ ମାମଲାରେ ସେମାନଙ୍କ ବିରୁଦ୍ଧରେ କେବଳ ମାମଲା ରୁଜୁ କରି ପୁଲିସ ହାତବାନ୍ଧି ବସିଥିବା ଜଣାପଡିଛି। ନିକଟରେ ନୂଆଗାଁ ଥାନା ଇଲାକାରେ ବାଲି ଚୋରା ଚାଲାଣକୁ ନେଇ ଜଣେ ସାମାଜିକ କର୍ମୀ କୁମାର ପାତ୍ର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ତାହାକୁ ନେଇ ସୁନୀଲ ପାତ୍ର ଓ ଶିବ ଦଳେଇ ନାମକ ଦୁଇଜଣ ବ୍ୟକ୍ତିଚ ପ୍ରତିକ୍ରୀୟାଶୀଳ ହୋଇ କୁମାର ପାତ୍ରଙ୍କୁ ହତ୍ୟା ଧମକ ଦେଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା। ସେହିଭଳି ନିକଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରଙ୍କୁ ଅଣଛାତ୍ରମାନେ ଅରଣାନ୍ତକ ଆକ୍ରମଣ ଘଟଣାରେ ମଧ୍ୟ ଶିବ ନାୟକ ଓ ତୁତୁନ ପାତ୍ରଙ୍କ ସମେତ ବହୁ ବିଜେପି କର୍ମୀ ଓ ସମର୍ଥକଙ୍କ ବିରୁଦ୍ଧରେ ଗୋପାଳପୁର ଥାନାରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ମଧ୍ୟ ପୁଲିସ କାହାରିକୁ ଗିରଫ କରିନଥିବା ଜଣାପଡିଛି। ଅତଏବ ବିଜେପି ସରକାରରେ ଖୋଦ୍ ପୁଲିସ ପ୍ରଶାସନ ଚାପରେ ରହି କାର୍ଯ୍ୟ କରୁଥିବା ବେଳେ ସାଧାରଣ ଲୋକଙ୍କ ଧନଜୀବନକୁ କିଭଳି ସୁରକ୍ଷା ଦେବ ବୋଲି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି।

## 'ନାନୋ' ଗବେଷଣାରେ କୃତିତ୍ୱ



କ୍ଷୁଦ୍ରାତିକ୍ଷୁଦ୍ର ନାନୋ ସେରାମିକ୍ସ ପଦାର୍ଥର ବିବିଧ ପ୍ରୟୋଗ ତଥା ସମ୍ଭାବ୍ୟ ଉପଯୋଗିତା ସମ୍ବନ୍ଧରେ ଦୀର୍ଘ ଛଅ ବର୍ଷ ଗବେଷଣା କରି ଯୁବ ଗବେଷକ ଅର୍ପିତା ପ୍ରିୟଦର୍ଶିନୀ ଦୀକ୍ଷିତ କିଟ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ତାଙ୍କ ଗବେଷଣା ଭୌତିକ ବିଜ୍ଞାନ ଓ ନାନୋ ପ୍ରଯୁକ୍ତିର ଅଭିନବତାକୁ ପ୍ରସାରିତ କରିଛି। ଏହା ପୂର୍ବରୁ ସେ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନ, ସରାଙ୍ଗରେ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଅର୍ପିତାଙ୍କ ସନ୍ଦର୍ଭଟି କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ ଏସ୍.କେ. ଏସ୍. ପରାଶରଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତ। ଆଇ.ଆଇ.ଟି., ରୁର୍କିର ପ୍ରଫେସର ରମେଶ ଚନ୍ଦ୍ର ସନ୍ଦର୍ଭର ଉଚ୍ଚ ପ୍ରଶଂସା କରିଛନ୍ତି। ଅର୍ପିତା ନେଦରଲ୍ୟାଣ୍ଡର ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟରେ ସୋସିଆଲ ରୋବଟିକ୍ସ ସମ୍ବନ୍ଧରେ ଗବେଷଣା ଜାରି ରଖିଥିବା ଡ ଚିନ୍ମୟ ମିଶ୍ରଙ୍କ ଧର୍ମପତ୍ନୀ। ପୁରୀରେ ଅବସ୍ଥାନ କରୁଥିବା କବି ତଥା ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଡ଼ ଚିତ୍ତରଞ୍ଜନ ମିଶ୍ର ଓ ରୋଟାରିଆନ୍ ଶ୍ରୀମତୀ ସୁଷମା ମିଶ୍ର (ପତି)ଙ୍କ ସେ ପୁତ୍ରବଧୂ ତଥା ସୋର ନିକଟସ୍ଥ ଅଙ୍କବ୍ରହ୍ମପୁର ନିବାସୀ ଶ୍ରୀ ମନୋଜ କୁମାର ଦୀକ୍ଷିତ ଓ ଶ୍ରୀମତୀ ଦୀପିକା ଦୀକ୍ଷିତଙ୍କ ଜ୍ୟେଷ୍ଠା କନ୍ୟା। ସ୍ୱଗ୍ରାମର ପ୍ରଥମ ପିଏଚଡ଼ି ହିସାବରେ ସେ ସମସ୍ତଙ୍କ ପ୍ରଶଂସା ଭାଜନ ହେବା ସହ ଯୁବପିଢୀଙ୍କ ନିମନ୍ତେ ପ୍ରେରଣାମୟ ଉଦାହରଣ ସୃଷ୍ଟି କରିଛନ୍ତି। ଭୌତିକ ବିଜ୍ଞାନ କ୍ଷେତ୍ରରେ ନାନୋ ପ୍ରଯୁକ୍ତିର ଅଧ୍ୟୟନ ତଥା ପରିବେଶ ଅନୁକୂଳ ପ୍ରଦୂଷଣ ମୁକ୍ତ ସେରାମିକ୍ସ ଉପାଦାନ ବିକଶିତ କରି ତାହା ସାହାଯ୍ୟରେ ଯନ୍ତାଂଶ ଓ ଉପକରଣ ନିର୍ମାଣ ସମ୍ବନ୍ଧରେ ତାଙ୍କ ଗବେଷଣା ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚିତ ହୋଇଛି।

## ଖବର ପ୍ରକାଶ ପରେ ଚେତିଲା ପ୍ରଶାସନ

# ସ୍କୁଲ କୋଠା ନିର୍ମାଣ ନିମନ୍ତେ ବିଇଓଙ୍କ ନିର୍ଦ୍ଦେଶ

କୁକୁଡାଖଣ୍ଡି,୨୨।୮ (ସମିସ)



କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ନିମଖଣ୍ଡି ପ୍ରାଥମିକ ବିଦ୍ୟାଳୟ କୋଠା ବିପଦପୂର୍ଣ୍ଣ ଭାବେ ରହିଥିବାବେଳେ ସେଠାରେ ଅଦ୍ୟାବଧି ପିଲା ପାଠ ପଢୁଛନ୍ତି। ଏପରିକି ସ୍କୁଲ ପକ୍ଷରୁ ସରପଞ୍ଚଙ୍କୁ ଚିଠି ଲେଖି ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ପୁଣି ଏକ ବର୍ଷ ପରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ୧୮ ଅଗଷ୍ଟରେ ୨୦୨୫ରେ ଉକ୍ତ ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚ ଓ ପିଇଓଙ୍କୁ ଜଣାଇଥିଲେ। ତେବେ ଘଟଣା ସମ୍ପର୍କରେ 'ସକାଳ' ଖବର କାଗଜରେ ଗତ ୨୦ତାରିଖରେ 'ବିପଦରେ ନିମଖଣ୍ଡି ପ୍ରାଥମିକ ବିଦ୍ୟାଳୟ କୋଠା' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ବିଇଓଙ୍କ ସନ୍ତୋଷ କୁମାର ମହାପାତ୍ର ଏକ ବୈଷୟିକ କମିଟି ଗଠନ କରି ଏହାର ତଦନ୍ତ କରିଥିଲେ। ୨୦୧୬-୧୭ରୁ ସ୍କୁଲ କୋଠା ବିମ୍ ଗୁଡ଼ିକ ଫାଟ ସୃଷ୍ଟି ହେବା ସହ ଅସୁରକ୍ଷିତ ବୋଲି ଉକ୍ତ ଟିମ୍ ତଦନ୍ତ କରି ଜଣାଇଥିଲେ। ଉକ୍ତ କମିଟି ଦାଖଲ କରିବା ପରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ତଦନ୍ତ ରିପୋର୍ଟକୁ ଭିତ୍ତିକରି ବିଇଓ ଶ୍ରୀ ମହାପାତ୍ର ପୂର୍ତ୍ତ ବିଭାଗକୁ ଉକ୍ତ ଅପରେସନ ବ୍ଲାକବୋର୍ଡ ବିଲଡିଂର ଭିତ୍ତିଭୂମିର ଯାଞ୍ଚ କରିବା ସହ ଉକ୍ତ କୋଠା ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଇଓଙ୍କ ତତ୍କାଳ ପଦକ୍ଷେପକୁ ସ୍କୁଲ କର୍ତ୍ତୃପକ୍ଷ ସାଧୁବାଦ ଜଣାଇଛନ୍ତି।

# ଧାରଣାରେ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ



ପୋଲସରା,୨୨।୮ (ସମିସ): ବିଭିନ୍ନ ଦାବି ନେଇ ରାଜ୍ୟ ବେସରକାରୀ ଅଧ୍ୟାପକ ଓ ଅଣ-ଶିକ୍ଷକ କର୍ମଚାରୀ ସଙ୍ଘ ଧାରଣାରେ ବସିଛନ୍ତି। ପ୍ରକାଶଯେ କଲେଜ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ କର୍ମଚାରୀଙ୍କୁ ପୂର୍ଣ୍ଣ ଅନୁଦାନ ଦାବିରେ ପାଠପଢା ସହ ଅନ୍ୟାନ୍ୟ ଗୁରୁତ୍ୱ କାର୍ଯ୍ୟରୁ ନିବୃତ୍ତ ରହି ଆନ୍ଦୋଳନରେ ବସିଛନ୍ତି। ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ସଂଘର ପତ୍ର ସଂଖ୍ୟା ୯୫୮ ପ୍ରକାରେ ଅଗଷ୍ଟ ମାସ ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ଫଳରେ ଅଗଷ୍ଟ ୧୮ ତାରିଖ ଠାରୁ ୬୬୨ ବର୍ଗର +୨ ଓ +୩ ଶ୍ରେଣୀର ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ବୃନ୍ଦ ସମଗ୍ର ରାଜ୍ୟରେ ଧାରଣା ଦେଇଛନ୍ତି। ଏହାର ପ୍ରତିଫଳିତ ବର୍ତ୍ତିନି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ଦେଖାଦେଇଛି।

## ଯୁବତୀଙ୍କୁ ପ୍ରତାରଣା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୨।୮ (ସମିସ): ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରମ୍ଭା ଥାନା ଅନ୍ତର୍ଗତ ଝାଡ଼କୁଦର ଆର. ନାରାୟଣ ପ୍ରଧାନ(୪୪)। ଏକ ମାମଲା ରୁଜୁ କରି ଅଭିଯୁକ୍ତ ନାରାୟଣଙ୍କୁ କୋର୍ଟଚାଲାଣ କରାଯାଇଛି। ପୀଡ଼ିତା ଓ ଅଭିଯୁକ୍ତ ବୈଦ୍ୟନାଥପୁର ଅଞ୍ଚଳରେ ଥିବା ଏକ ଗାଡ଼ି ସୋ'ରୁମ୍‌ରେ କାମ କରୁଥିଲେ। ଦେଢ଼ବର୍ଷ ପୂର୍ବେ ଉଭୟଙ୍କ ମଧ୍ୟରେ ପରିଚିତ ହୋଇ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ନାରାୟଣ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ବିବାହ ପାଇଁ ମନା କରିବାରୁ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ।

## ସ୍ୱତନ୍ତ୍ର ସ୍କୁଲ ଯାଞ୍ଚ କାର୍ଯ୍ୟକ୍ରମ



ବ୍ରହ୍ମପୁର,୨୨।୮ (ସମିସ): ଚିକିଟି ବ୍ଲକ ଶିକ୍ଷା କାର୍ଯ୍ୟାଳୟର ନିର୍ଦ୍ଦେଶାନୁସାରେ ଏହା ଅଧିନସ୍ଥ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ବିଶେଷ ଯାଞ୍ଚ ଅଭିଯାନ ଅନୁଷ୍ଠିତ ହୋଇଛି। ଏହି ଯାଞ୍ଚରେ ସାମିଲ ଟିମ ଶିକ୍ଷାଗତ କାର୍ଯ୍ୟକଳାପ, ଅର୍ଥନୈତିକ ଦଲିଲ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ରେକର୍ଡ ଓ ପ୍ରଶାସନୀୟ ଫାଇଲ ସହିତ ଶିକ୍ଷଣ ପ୍ରକ୍ରିୟା ଯାଞ୍ଚ କରିଥିଲେ। ଏହିକ୍ରମରେ ରାମଚନ୍ଦ୍ରପୁର କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟକୁ ଯାଇ ଯାଞ୍ଚ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ. ଧନଞ୍ଜୟ, ବିଇଓ ପନ୍ନଗ ଭୂଷଣ ମାଝୀ, ବିଆରସିସି ତ୍ରିନାଥ ମଲ୍ଲିକ, ଏବିଇଓ ମେଘନାଦ ବେହେରା, ନାୟକ ସେଠି, ସିଆରସିସି ଅମର ସାହୁ, କୁରେଶ ସାହୁ, ନାରାୟଣ ପ୍ରଧାନ, ସୁଜିତ କୁମାର ପାଢ଼ୀ, ବି. ଭେଙ୍କେଟ ରାଓ, ମିନତୀ ପାଠୀ, ସୁଶାନ୍ତ ପ୍ରଧାନ, ମଞ୍ଜନ ବେହେରା, ଚିନ୍ତାମଣି ଯାନୀ, ଧର୍ମରାଜ ବେହେରା, ନାକା ଆପନ୍ନା, ଏ. ଦମୟନ୍ତୀ, ହିସାବରକ୍ଷକ ସୁନୀଲ ସାହୁ, ଶଙ୍କର ଗୌଡ଼ ଓ ଶକ୍ତି ପ୍ରସାଦ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# କର୍ମଜୀବୀ ମହିଳା ନିବାସର ହେବ ପୁନରୁଦ୍ଧାର, ବଢ଼ିବ ସୁରକ୍ଷା ବ୍ୟବସ୍ଥା

ବ୍ରହ୍ମପୁର,୨୨।୮ (ସମିସ)

ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ପରିଚାଳିତ କର୍ମଜୀବୀ ମହିଳା ନିବାସର ହେବ ପୁନଃରୁଦ୍ଧାର। ପରିବେଶ ସଫା ରଖିବା ସହିତ ଅନ୍ତେବାସୀଙ୍କ ସୁରକ୍ଷାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡିଛି। ଗୁରୁବାର ପୂର୍ବାହ୍ନରେ କର୍ମଜୀବୀ ମବହିଳା ନିବାସର ୧୨ନମ୍ବର ପ୍ରକୋଷ୍ଠରେ ଜଣେ ଅନ୍ତେବାସୀ କ୍ଷୀର ଗରମ କରୁଥିବା ବେଳେ ହଠାତ୍ ଗ୍ୟାସ ସିଲିଣ୍ଡରରେ ନିଆ ଲାଗି ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ କର୍ମଚାରୀ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ କେହି ମୃତାହତ ହୋଇନଥିଲେ। ତେବେ ଉକ୍ତ ଘଟଣା ପରେ କର୍ମଜୀବୀ ମହିଳା ନିବାସର ସୁରକ୍ଷା ଓ ପୁନଃରୁଦ୍ଧାର ପାଇଁ ତତ୍ପରତା ପ୍ରକାଶ କରିଛନ୍ତି ନିଗମ କର୍ତ୍ତୃପକ୍ଷ। ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଟିମ ସହିତ କର୍ମଜୀବୀ ମହିଳା ନିବାସରେ ପହଞ୍ଚି କୋଠାର ସ୍ଥିତି ଅନୁଧାନ କରିଥିଲେ। ୧୯୯୦ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଦୁଇମହଲା ବିଶିଷ୍ଟ ପୁରୁଣା କୋଠାରେ ୬୫ଜଣ ଅନ୍ତେବାସୀଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି। ତେବେ ରକ୍ଷଣାବେକ୍ଷଣର ଅଭାବ କାରଣରୁ କୋଠା ଦୁର୍ବଳ ହେବା ସହିତ ବିଭିନ୍ନ ପ୍ରକୋଷ୍ଠରେ ଝରକା ଓ କବାଟ ଭାଙ୍ଗିରୁଜି ଯାଇଛି। ସେହିଭଳି ରନ୍ଧାଘର ବ୍ୟବହାର ଯୋଗ୍ୟ ନଥିବା କାରଣରୁ



**ଅଗ୍ନିକାଣ୍ଡ ଘଟଣା ପରେ ମହିଳା ନିବାସ କୋଠାର ସ୍ଥିତି ଅନୁଧ୍ୟାନ କଲେ କମିଶନର**

**ଅଗ୍ନି ନିର୍ବାପକ ବ୍ୟବସ୍ଥା ସହିତ ଲାଗିବ ସିସିଟିଭି କ୍ୟାମେରା, ବିନିଯୋଗ ହେବ ୧୫ଲକ୍ଷ**



ଅନ୍ତେବାସୀମାନେ ନିଜ ରୁମରେ ରୋଷେଇ କରି ଚଳୁଛନ୍ତି। ସେହିଭଳି କର୍ମଜୀବୀ ମହିଳା ନିବାସରେ କୌଣସି ସୁରକ୍ଷାକର୍ମୀ ନଥିବା ବେଳେ ସିସିଟିଭି କ୍ୟାମେରା ଓ ଅଗ୍ନିନିର୍ବାପକ ବ୍ୟବସ୍ଥାର ଅଭାବ ପରିଲକ୍ଷିତ ହୋଇଛି। ଯାହାଫଳରେ ଏଠାରେ ୬୫ଜଣଙ୍କ ସ୍ଥାନରେ ବର୍ତ୍ତମାନ କେବଳ ୧୯ଜଣ ଅନ୍ତେବାସୀ ରହୁଛନ୍ତି। କର୍ମଜୀବୀ ମହିଳାଙ୍କ ସୁବିଧା ଦୃଷ୍ଟିରୁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବ୍ରହ୍ମପୁର ମହାନଗର ନିଗମର ମିଳିତ ସହଯୋଗରେ ପରିଚାଳିତ ହେଉଥିବା ଏହି ମହିଳା ନିବାସର ପୁନଃରୁଦ୍ଧାରର ଆବଶ୍ୟକତାକୁ ହୃଦୟଙ୍ଗମ କରି ବିଇଏମସି କମିଶନର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୫ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରି ପ୍ରଥମେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା, କୋଠାର ପରିସର ତୁରନ୍ତ ସଫେଇ କରିବା, କବାଟ ଓ ଝରକାର ମରାମତି କରିବା, ସିସିଟିଭି କ୍ୟାମେରାର ବ୍ୟବସ୍ଥା ସହିତ କୋଠାର ମରାମତି ଆଦି କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କମିଶନରଙ୍କ ଗସ୍ତ ସମୟରେ କର୍ମଜୀବୀ ମହିଳା ନିବାସ ଦାୟିତ୍ୱରେ ଥିବା ବିଇଏମସିର ଗୋଷ୍ଠୀ ସଙ୍ଗଠିକା ଗୀତାଞ୍ଜଳୀ ସାମନ୍ତରାୟ, କନିଷ୍ଠ ଯନ୍ତ୍ରୀ ସ୍ୱପ୍ନା ସାହୁ ଓ ମହିଳା ଓ ଶିଶୁ ବିକାଶ ବିଭାଗର ଜିଲ୍ଲା ସଂଯୋଜିକା ଗୀତାଞ୍ଜଳୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତି ଅଧିନରେ ଥିବା ଏହି କର୍ମଜୀବୀ ମହିଳା ନିବାସର ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ୧ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିବା ବେଳେ ଏନେଇ କୌଣସି ଆର୍ଥିକ ଅନୁଦାନ ଆସିନଥିବା ଜଣାପଡିଛି। ଏହି କୋଠାର ପୁନଃରୁଦ୍ଧାର ଓ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ଏଥିରେ କିଭଳି ଅଧିକ ସଂଖ୍ୟକ କର୍ମଜୀବୀ ମହିଳା ସୁରକ୍ଷିତ ଓ ସ୍ୱଚ୍ଛନ୍ଦରେ ରହିପାରିବେ ସେଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ।

# ବିଜେପି ନେତାଙ୍କ ସମେତ ୧୧ ଜଣଙ୍କ ନାମରେ ମାମଲା

ବ୍ରହ୍ମପୁର,୨୨।୮ (ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଛାତ୍ର ଓ ଅଣଛାତ୍ର ମୁହାଁମୁହିଁ ହୋଇଥିଲା। ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ଅଭିଳାଷ ମିଶ୍ରଙ୍କୁ ଆକ୍ରମଣ ଅଭିଯୋଗରେ ପୁଲିସ ବିଜେପି ନେତା ଶିବ ଶଙ୍କର ନାୟକ, ତୁତୁନ ପାତ୍ର, ସୋମନାଥ ପାତ୍ର, ରାଜକିଶୋର ପ୍ରଧାନ, ରାଧା ମୋହନ ପଣ୍ଡା, ସତ୍ୟ ନାରାୟଣ ନାୟକ, ନିତ୍ୟାନନ୍ଦ ସିଂ, ନରମିଶ ପ୍ରଧାନ, ହରେକୃଷ୍ଣ ଅଧିକାରୀ, କୃତିବନ୍ତ ରଣା ଓ ଚକ୍ରା ରେଡ୍ଡୀ ଆଦି ୧୧ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଆଗାମୀ ଦିନରେ କ୍ୟାମ୍ପସରେ କିଭଳି ବିଶୃଙ୍ଖଳା ସୃଷ୍ଟି ନ ହେବ ଏବଂ ଶୈକ୍ଷିକ ବାତାବରଣ ବଜାୟ ରଖିବା କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ବିଭିନ୍ନ ପଦକ୍ଷେପ ନେଇଛନ୍ତି।

ଆଜି କୁଳପତି ପ୍ରାୟ ୭ଟି ପିଜି ବିଭାଗ ଓ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ପ୍ରାୟ ୧୦ଟି ପିଜି ବିଭାଗ ପରିଦର୍ଶନ କରି ଶ୍ରେଣୀରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ନୋଟିସ୍‌ର ଉତ୍ତର ରଖିବା ପରେ ଆଲୋଚନା କରାଯିବ। ଦରକାର ପଡ଼ିଲେ ପରୀକ୍ଷାରୁ ମଧ୍ୟ ବାଦ୍ ଦିଆଯିବ। ଆଜି ସକାଳୁ ନାଲ୍‌କୋ ଗେଟ ନିକଟରେ ଛାତ୍ରଛାତ୍ରୀ ପରିଚୟ ପତ୍ର ଦେଖାଇ ପ୍ରବେଶ କରିଥିଲେ। ଅନ୍ୟମାନଙ୍କୁ ଛଡ଼ା ଯାଇ ନଥିବା ଜଣାପଡ଼ିଛି। ସନ୍ଧ୍ୟା ୫ଟା ପର ଠାରୁ କ୍ୟାମ୍ପସ

**● ଛାତ୍ର-ଅଣଛାତ୍ର ମୁହାଁମୁହିଁ ପରେ ଆକ୍ସନ ମୋଡ୍‌ରେ ଭଞ୍ଜବିହାର କୁଳପତି**

ପରିସରରେ ରହୁଥିବା ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କୁ ପରିଚୟପତ୍ର ଦେଖାଇ ପ୍ରବେଶ କରାଯାଉଛି। ଗଠନ ହୋଇଥିବା ୨ ଟି କମିଟି ପ୍ରତିଦିନ ତଦାରଖ କରି ତଥ୍ୟ ଦାଖଲ କରିବାକୁ କୁହାଯାଇଛି। ଯେଉଁ ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ସେମାନଙ୍କୁ ଏବଂ ଗୋପାଳପୁର ଥାନାକୁ ଯେଉଁ ଛାତ୍ରମାନେ ଯାଇଥିଲେ ତଦନ୍ତ ପରେ କାରଣ ଦର୍ଶାଅ ନୋଟିସ ମଗାଯିବ। ଥାନା ଘେରାଉରେ ଯେଉଁମାନେ ସାମିଲ ଥିଲେ ତଦନ୍ତ ପରେ ହଷ୍ଟେଲରୁ ବାହାର କରାଯିବ। ତା'ସହ ସୁରକ୍ଷାରେ ରହିଥିବା କର୍ମଚାରୀ ସିସିଟିଭି ଫୁଟେଜ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କହିଛନ୍ତି। ପୂର୍ବରୁ ଛାତ୍ର ଅଶାନ୍ତି ଯୋଗୁ ୧୪ ଜଣ ଛାତ୍ରଙ୍କୁ ହଷ୍ଟେଲରୁ ବାହାର କରାଯାଇଥିଲା।

**■ ୧୩ଟି ଚୋରି ଘଟଣାର ପର୍ଦ୍ଦାଫାସ୍**

# ଉଦ୍ଧାର ଅଳଙ୍କାର ଓ ଟଙ୍କା ଫେରାଇଲା ପୁଲିସ



ବ୍ରହ୍ମପୁର,୨୨।୮ (ସମିସ): ବ୍ରହ୍ମପୁର ପୁଲିସ ଏକ ୫ଜଣିଆ ଚୋର ଗ୍ୟାଙ୍ଗକୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୨୫୦ ଗ୍ରାମ ସୁନା ଓ ଦେଢ଼ଲକ୍ଷ ଟଙ୍କା ଜବତ କରିଥିଲା। କେ ନୂଆଗାଁ ଥାନା ବମକୋଇ ଗ୍ରାମରେ ରହୁଥିବା ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ବେଣାପଞ୍ଜୁରୀ ଗ୍ରାମର ଜେ. ମୋହନ, କବିସୂର୍ଯ୍ୟନଗର ଥାନା ପଥରାପଲ୍ଲୀ ଗ୍ରାମର ବୁଲୁ ପାତ୍ର ଏବଂ କ୍ରିଷ୍ଣା ପାତ୍ର, ବମକୋଇ ଗ୍ରାମର ଜେ.ପ୍ରକାଶ ଓ ଶେରଗଡ଼ ଥାନା ପରମାନନ୍ଦପୁର ଗ୍ରାମର ସୁନା ଦୋକାନୀ ମନୋଜ ପାଢ଼ୀ ଆଦି ଅଭିଯୁକ୍ତଙ୍କଠାରୁ ଉଦ୍ଧାର ହୋଇଥିବା ଉପରୋକ୍ତ ଅଳଙ୍କାର ଓ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ କରିଛି ପୁଲିସ।

ଗତ କିଛିମାସ ହେଲା ବ୍ରହ୍ମପୁର ପୁଲିସ ଜିଲ୍ଲାର ଚିକିଟି ଅଞ୍ଚଳରେ ବିଭିନ୍ନ ଘରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିଲା। ଏନେଇ କେ. ନୂଆଗାଁ ଓ ଦିଗପହଣ୍ଡି ଥାନାରେ ଏକାଧିକ ମାମଲା ରୁଜୁ ହୋଇଥିଲା। ତଦନ୍ତ କରି ପୁଲିସ ୫ ଜଣିଆ ଚୋର ଗ୍ୟାଙ୍ଗକୁ ଧରିବା ସହ ବହୁ ଚୋରି ସାମଗ୍ରୀ ଜବତ କରିଥିଲା। ଚୋରିର ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ ଆଜି ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ନିଜେ ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ଚୋରି ହୋଇଥିବା ସୁନା ଅଳଙ୍କାର ଓ ଟଙ୍କା ଫେରସ୍ତ କରିଥିଲେ। ପ୍ରାୟ ୨ଶହ ୫୦ଗ୍ରାମ ଓଜନର ସୁନା ଓ ୧ ଲକ୍ଷ ୫୦ହଜାର ଟଙ୍କା ଫେରାଇଥିବା ବେଳେ ୧୩ଟି ଚୋରି ଘଟଣାରେ ସାମଗ୍ରୀ ଉଦ୍ଧାର କରିଥିଲା ପୁଲିସ। ଚୋରି ସାମଗ୍ରୀ ଫେରି ପାଇଥିବାରୁ ବ୍ରହ୍ମପୁର ପୁଲିସକୁ ସାଧୁବାଦ ଜ୍ଞାପନ କରିଛନ୍ତି ସମ୍ପୃକ୍ତ ବ୍ୟକ୍ତିମାନେ। ଏଥିସହ କେ. ନୂଆଁଗାଁ ଓ ଦିଗପହଣ୍ଡିର ଥାନା ଅଧିକାରୀ ଓ ଅନ୍ୟ ଅଧିକାରୀ ମାନଙ୍କୁ ସମ୍ମାନପତ୍ର ଓ ଆର୍ଥିକ ରାଶି ପ୍ରଦାନ କରିଛନ୍ତି ବ୍ରହ୍ମପୁର ଏସ୍‌ପି ଡ଼ା.ସର୍ବଣା ବିବେକ୍ ଏମ୍।

# କୁଲା, କଳସ ଓ ମୁଖାଙ୍କନରେ ସଫେଇ ସଚେତନତା




ବ୍ରହ୍ମପୁର,୨୨।୮ (ସମିସ): ସ୍ଥାନୀୟ ଗେଟବଜାର ଏବଂ ଗୋଲାପଲ୍ଲୀ ସାହିରେ ପ୍ରମୁଖ ପରିମଳ କର୍ମଚାରୀ ବସବାସ କରୁଥିବା ଅଞ୍ଚଳରେ ମହାନଗର ନିଗମ ପକ୍ଷରୁ ଗରିମା ଯୋଜନା ଅନ୍ତର୍ଗତ ଆଇନଗତ ସଫେଇ ସୁରକ୍ଷିତ ସଫେଇ ଅଭିଯାନର ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଏଥିରେ କୁଲା, କଳସ ଏବଂ ମୁଖାଙ୍କନ ମାଧ୍ୟମରେ ପରିମଳ କର୍ମଚାରୀ ଓ ଅଧିକାରୀମାନେ ଗରିମା ଯୋଜନା ଏବଂ ଟୋଲ୍ ଫ୍ରି ନମ୍ବର ୧୪୪୨୦ର ପ୍ରଚାର କରିଥିଲେ। ପ୍ରମୁଖ ପରିମଳ କର୍ମୀଙ୍କ ସୁରକ୍ଷା ଏବଂ ସମ୍ମାନ ପାଇଁ ଏହି ଯୋଜନା କାମ କରୁଛି। ପାଇଖାନା ଟାଙ୍କି ସଫା ପାଇଁ କେବଳ ସ୍ୱୀକୃତିପ୍ରାପ୍ତ ସେସପୁଲ ଗାଡି ଏବଂ ତାଲିମ ପ୍ରାପ୍ତ ପରିମଳ କର୍ମଚାରୀ ନିୟୋଜିତ କରିବା ବାବଦରେ ଲୋକମାନଙ୍କୁ ବୁଝାଇବା ଏହି ଅଭିଯାନର ଲକ୍ଷ୍ୟ। ଏପରିକି ଅଣ ସ୍ୱୀକୃତିପ୍ରାପ୍ତ ସେସପୁଲ ଗାଡି କିମ୍ବା ଅଣ ତାଲିମ ପ୍ରାପ୍ତ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରି ପାଇଖାନା ଟାଙ୍କି ସଫା କରାଇବା ଏକ ଦଣ୍ଡନୀୟ ଅପରାଧ ବୋଲି ମଧ୍ୟ ପ୍ରତିଦିନ ଲୋକମାନଙ୍କୁ ସଚେତନ କରାଯାଉଛି। ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ଏବଂ ଆଶୀର୍ବାଦ ପରିଡା, ତଥା ଗରିମାର ଆଞ୍ଚଳିକ ସଂଯୋଜକ ରବୀନ୍ଦ୍ର ନାହାକ ଏହି ସଚେତନତା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସ୍ଥାନୀୟ କର୍ପୋରେଟର ଦୁର୍ଗା ଲାୟକ ଏବଂ ଆରତୀ ତନ୍ତୀ , ପରିମଳ ନିରୀକ୍ଷକ ମନୋଜ ପାଢୀ, ଗୋଷ୍ଠୀ ସଂଯୋଜିକା ସ୍ମିତା ଦାସ, ସୁସ୍ମିତା ପଟ୍ଟନାୟକ, ପରିମଳ ବିଶେଷଜ୍ଞଗଣ, ସ୍ୱଚ୍ଛ ସାଥୀ, ସୁପରଭାଇଜର ଏବଂ ବହୁ ସଂଖ୍ୟାରେ ପରିମଳ କର୍ମଚାରୀ ଯୋଗ ଦେଇଥିଲେ।

ଏହି ଅବସରରେ କେତେକ ସେବାନିବୃତ୍ତ ପରିମଳ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅଗଷ୍ଟ ପନ୍ଦର ତାରିଖରୁ ଆରମ୍ଭ ହୋଇଥିବା ଏହି ବ୍ୟାପକ ସଚେତନତା ଅଭିଯାନ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଇଏମସି ପକ୍ଷରୁ କୁହାଯାଇଛି।

# ଆଇନଜୀବୀଙ୍କ ଗାଡ଼ି ଡିକି ଭାଙ୍ଗି ୩.୫ ଲକ୍ଷ ଲୁଟ୍

ବ୍ରହ୍ମପୁର,୨୨।୮ (ସମିସ): ଗାନ୍ଧୀନଗର ୪ର୍ଥ ଲାଇନରେ ଥିବା ପୋଷ୍ଟ ଅଫିସ ସମ୍ମୁଖରୁ ଜଣେ ଆଇନଜୀବୀଙ୍କ ଗାଡ଼ିର ଡିକି ଭାଙ୍ଗି ୩ ଲକ୍ଷ ୫୦ହଜାର ଟଙ୍କା ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଆଇନଜୀବୀଙ୍କୁ ବେଶ କିଛି ସମୟ ଅନୁସରଣ କରିବା ପରେ ସୁଯୋଗ ଦେଖି ତାଙ୍କୁ ଡିକିରୁ ଟଙ୍କା ଧରି ଚମ୍ପଟ ମାରିଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି।

**୪ ଦୁର୍ବୃତ୍ତ ସମ୍ପୃକ୍ତ; ସିସିଟିଭି ଯାଞ୍ଚ ଆରମ୍ଭ**

ସୂଚନାପ୍ରକାରେ, ବ୍ରହ୍ମପୁରର ଆଇନଜୀବୀ ରାଧାକୃଷ୍ଣ ସାହୁ ଓ ତାଙ୍କ ପତ୍ନୀ ଆଜି ମଧ୍ୟାହ୍ନରେ ନିଜ ବାଇକ୍‌ରେ ଯାଇ ଧର୍ମନଗର ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କରୁ ୩ ଲକ୍ଷ ୫୦ ହଜାର ଟଙ୍କା ଉଠାଇଥିଲେ। ବ୍ୟାଙ୍କରୁ ଟଙ୍କା ଧରି ବାହାରକୁ ଆସିବା ପରେ ଉକ୍ତ ଟଙ୍କାକୁ ନିଜ ଗାଡ଼ି ଡିକିରେ ରଖି ଆଉ କିଛି ଟଙ୍କା ଦରକାର ଥିବାରୁ ଗାନ୍ଧୀନଗର ୪ର୍ଥ ଲାଇନ୍‌ରେ ଥିବା ପୋଷ୍ଟ ଅଫିସକୁ ଯାଇଥିଲେ। ଉଭୟ ପୋଷ୍ଟ ଅଫିସ ସମ୍ମୁଖରେ ଗାଡ଼ି ରଖି ଭିତରକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରୁ ଫେରି ଗାଡ଼ି ନିକଟକୁ ଯିବାପରେ ଡିକି ଭାଙ୍ଗି କେହି ଟଙ୍କା ନେଇଯାଇଥିବା ଦେଖିଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ନିକଟରେ ଲାଗିଥିବା ସିସିଟିଭି ଯାଞ୍ଚ କରି ପୁଲିସ ତଦନ୍ତ ଚଳାଇଛି। ଏହି ଲୁଟ ପଛରେ ୪ଜଣ ଦୁର୍ବୃତ୍ତଙ୍କ ସଂପୃକ୍ତି ରହିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରକାଶ ଥାଉ କି, ଗତ ୧୧ ତାରିଖରେ ବ୍ରହ୍ମପୁରର ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରୁ ଭବାନୀନଗର ୨ୟ ଲାଇନ୍ ନିବାସୀ ନିଖିଳା ନନ୍ଦ ପାଢ଼ୀଙ୍କ ୩ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗକୁ ଦୁର୍ବୃତ୍ତ ଲୁଟ୍ କରି ନେଇଥିଲେ। ଏଯାବତ ପୁଲିସ ଅଭିଯୁକ୍ତଙ୍କ ଟେର୍ ପାଉନାହିଁ।

# ପୁଲିସ ଅଧିକାରୀଙ୍କ ପୁଅ ଓ ସାଙ୍ଗକୁ ଆକ୍ରମଣ ଘଟଣା, ୫ଗିରଫ

ବ୍ରହ୍ମପୁର,୨୨।୮ (ସମିସ): ଲାଞ୍ଜିପଲ୍ଲୀ ବାଇପାସ୍ ନିକଟସ୍ଥ ଓମ୍‌ଫେଡ୍ ଚା' ଦୋକାନ ନିକଟରେ ଜୈନିକ ପୁଲିସ ଏସ୍‌ଆଇଙ୍କ ପୁଅ ପ୍ରୀତମ୍‌ଚନ୍ଦ୍ର ତ୍ରିପାଠୀ ଓ ତାଙ୍କ ସାଙ୍ଗ ଉତ୍ତମ ମହାନ୍ତିଙ୍କୁ ପଥରରେ ଛେଚି ଆକ୍ରମଣ ସହ ବନ୍ଧୁକ ଦେଖାଇ ଧମକ ଦେବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୫ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ଶ୍ରୀରାମନଗର ଷଷ୍ଠ ଲାଇନ୍‌ର ଲିଙ୍ଗରାଜ ସାମଲ ଓରଫ ରିଙ୍କୁ(୨୩), ଦ୍ୱିତୀୟ ଲାଇନର ଅଶୋକ ବେହେରା(୧୯), ଜଗନ୍ନାଥ ବିହାରର ମହେଶ ରାଉତ (୨୧), ପାଣିଗ୍ରାହୀପେଣ୍ଠର ଆକାଶ ପାଣିଗ୍ରାହୀ (୨୩) ଓ ଆଙ୍କୁଲିର ଦେବାଶିଷ ମିଶ୍ର(୩୩)।

ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖରେ ପ୍ରୀତମ୍ ଓ ତାଙ୍କ ସାଙ୍ଗ ଉତ୍ତମ ଲାଞ୍ଜିପଲ୍ଲୀରୁ ଷ୍ଟେଟବ୍ୟାଙ୍କ ଆଡ଼େ ଯାଇଥିବା ବେଳେ ଏକ କାରରେ ଉପରୋକ୍ତ ୫ ଜଣ ମଧ୍ୟ ସେହିପଟକୁ ଯାଉଥିଲେ। ପ୍ରିତମ ଓ ତାଙ୍କ ସାଙ୍ଗ ଉକ୍ତ କାର୍‌କୁ ଓଭରଟେକ କରି ଆଗକୁ ଯାଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କ

**ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ରହିଛି ଏକାଧିକ ସଙ୍ଗୀନ ମାମଲା**



ଆଗରେ କାର୍ ରଖି ପାଟିତୁଣ୍ଡ କରିଥିଲେ। ପରେ ନିକଟରେ ଥିବା ଏକ ଚାହା ଦୋକାନ ନିକଟରେ ଉପରୋକ୍ତ ଅଭିଯୁକ୍ତ ପ୍ରୀତମଙ୍କୁ ଆକ୍ରମଣ କରିଥିଲେ। ଏହାପରେ କାର ଭିତରେ ବସିଥିବା ଅନ୍ୟ ଜଣେ ଅଭିଯୁକ୍ତ ବାହାରକୁ ଆସି ଏକ ବନ୍ଧୁକ ଦେଖାଇ ଉଭୟଙ୍କୁ ଧମକ ଦେଇଥିଲେ। ସ୍ଥାନୀୟ ଲୋକ ଜମା ହୋଇଯିବାରୁ ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ପ୍ରୀତମ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ଏକ ରୁଜୁ କରି ଘଟଣାରେ ବ୍ୟବହୃତ କାର୍‌କୁ ଜବତ କରି ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉପରୋକ୍ତ ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

# ୧୦୦ କେଜି ଗଞ୍ଜେଇ ସହ ୨ ଗାଡ଼ି ଜବତ, ୪ ଗିରଫ

ବ୍ରହ୍ମପୁର,୨୨।୮ (ସମିସ): ଅବକାରୀ ସଦର ରେଞ୍ଜ ଏସ୍‌ପି ପ୍ରବୀଣ କୁମାରଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ସହର ପ୍ରବେଶ ପଥ ପୃଥକ ସ୍ଥାନରୁ ୧୦୦ କେଜି ଗଞ୍ଜେଇ ଜବତ ହୋଇଛି। ଦୁଇଟି ମାମଲାରେ ଦୁଇଟି ଗାଡ଼ି ଜବତ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ସହର ଭିତରକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ ଇନ୍ସପେକ୍ଟର ଅର୍ଜୁନ ମଲିକଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ ହୋଇଥିଲା। ଗୋଟିଏ ଟିମ୍ ଆମ୍ବଗଡରେ ଓ ଅନ୍ୟଟି ଫାଷ୍ଟଗେଟ୍‌ରେ ଯାନବାହନ ଯାଞ୍ଚ କରିଥିଲେ। ଶୁକ୍ରବାର ଭୋର ୫ଟାବେଳେ ବ୍ରହ୍ମପୁର ସହର ଭିତରକୁ ପ୍ରବେଶ କରୁଥିବା ଏକ ବୋଲେରୋ (ନଂ.ଓଡ଼ି ୦୭-୮୦୨୨)କୁ ଅଟକାଇ ଯାଞ୍ଚ ପରେ ୫୦କେଜି ଗଞ୍ଜେଇ ମିଳିଥିଲା। କାର୍‌ରେ ଥିବା ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର କ୍ରିଷ୍ଣା ବେହେରା(୩୭) ଓ ଏସ. ଅନିଲ କୁମାର ଦୋରା(୨୯)ଙ୍କୁ ପୁଲିସ କାବୁ କରିଥିଲା।

ସେମାନଙ୍କ ବୟାନ ଅଧାରରେ ଆଗରେ ଯାଉଥିବା ଅନ୍ୟଏକ କାର୍ (ନଂ.ଓଡ଼ି ୦୭ଏଏଲ-୬୧୯୯) କୁ ଅନ୍ୟ ଏକ ଟିମ୍ ଅଟକାଇ ଯାଞ୍ଚ କରି ସେଥିରୁ ୫୦କେଜି ଗଞ୍ଜେଇ ଜବତ କରିବା ସହ କାର୍ ଭିତରେ ଥିବା ସୋରଡ଼ାର ଏ. ମୁନା ପାତ୍ର(୩୪) ଓ ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁରର ପ୍ରଦୀପ ଦୋରା (୨୫)ଙ୍କୁ ଗିରଫ କରିଥିଲା। ଗିରଫ ୪ ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ଚଢ଼ଉରେ ଏସ୍‌ଆଇ ସଙ୍ଗୀତା ମହାପାତ୍ର, ସସ୍ମିତା ମଲିକ, ଏଏସଆଇ ସନ୍ତୋଷ କୁମାର ପାଢୀ, ଅଜୟ କୁମାର ସାହୁ, ସନ୍ତୋଷ କୁମାର ତ୍ରିପାଠୀ, କନେଷ୍ଟେବଲ ମନୋରଞ୍ଜନ ମହାପାତ୍ର, ସରୋଜ କୁମାର ପରିଡ଼ା, ଦିବ୍ୟ ରଞ୍ଜନ କହଁର ଓ ଡ଼ି. ହରିବନ୍ଧୁ ପ୍ରମୁଖ ସାମିଲ ଥିଲେ।

# ପଶ୍ଚିମବଙ୍ଗ ଚାଲାଣ ବେଳେ ୧୨୫ କେଜି ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମପୁର,୨୨।୮ (ସମିସ): ଅବକାରୀ ଗୁଇନ୍ଦା ବିଭାଗ ପୃଥକ ସ୍ଥାନରୁ ୧୨୫ କେଜି ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଛି। ସୂଚନାପ୍ରକାରେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରୁ ୨ଟି କାର୍‌ରେ ପଶ୍ଚିମବଙ୍ଗର ମୁର୍ସିଦାବାଦକୁ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ଗୁଇନ୍ଦା ବିଭାଗ ଖବର ପାଇଥିଲା। କୁକୁଡ଼ାଖଣ୍ଡି ରୋଡ୍ ଓ ଫାଷ୍ଟଗେଟଠାରେ ଯାଞ୍ଚ ବେଳେ ଏକ ଦାମୀ କାର୍‌କୁ ଅଟକାଇ ଯାଞ୍ଚବେଳେ ସେଥିରୁ ୧୦୨ କେଜି ଗଞ୍ଜେଇ ଜବତ କରିଥିଲା। କାର୍ ଚାଳକ ପଶ୍ଚିମବଙ୍ଗ ମୁର୍ସିଦାବାଦ ରାଣୀନଗର ଥାନା ଅଞ୍ଚଳର ଏସ. ଶଙ୍କରଙ୍କୁ ଗିରଫ କରିଥିଲା। ସେହିପରି କୁକୁଡ଼ାଖଣ୍ଡି ରୋଡଠାରେ ଯାଞ୍ଚ ବେଳେ ଅନ୍ୟ ଏକ ଦାମୀ କାର୍‌କୁ ଅବକାରୀ ଗୁଇନ୍ଦା ବିଭାଗ ଅଧିକାରୀମାନେ ୨୩କେଜି ଗଞ୍ଜେଇ ଜବତ କରିବା ସହ କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ ଗୁଣ୍ଡାରିର ଆକାଶ କୁମାର ନାୟକ ଓ ଜି. ଉଦୟଗିରି ଥାନା ଅନ୍ତର୍ଗତ କୁର୍ମିଙ୍ଗିଆର ମୁକ୍ତିରଞ୍ଜନ ଦଣ୍ଡିଆଙ୍କୁ ଗିରଫ କରିଥିଲେ। ଉପରୋକ୍ତ ୩ ଅଭିଯୁକ୍ତଙ୍କ ଠାରୁ ୨ କାର ସହ ୪ଟି ମୋବାଇଲ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜବତ ଗଞ୍ଜେଇ ଓ କାର୍‌ର ଆନୁମାନିକ ମୂଲ୍ୟ ୪୨ ଲକ୍ଷ ହେବ ବୋଲି କୁହାଯାଉଛି। ଚଢ଼ଉରେ ଡ଼ିଏସ୍‌ପି ସ୍ମୃତିକାନ୍ତ ରାଉତ, ଇନ୍ସପେକ୍ଟର ନାରାୟଣ ଜେନା, ଏସଆଇ ଅଜିତ ନାୟକ ଅନ୍ୟ କର୍ମଚାରୀ ସାମିଲ ଥିଲେ।



## ଗଣେଶ ମୂର୍ତ୍ତିରେ ନିମଗ୍ନ କାରିଗର



ଚକାପାଦ,୨୨।୮ (ସମିସ): ଚକାପାଦ ବ୍ଲକ ଶଙ୍କରାଖୋଲ ଅଞ୍ଚଳର ଅଭିଳାଷ ବେହେରା ଆଜକୁ ପ୍ରାୟ ୧୦ ବର୍ଷ ଧରି ବିଭିନ୍ନ ଶିକ୍ଷାନୁଷ୍ଠାନକୁ ବିଭିନ୍ନ ମୂର୍ତ୍ତି ଯୋଗାଇ ଦେଉଛନ୍ତି। ସେ ବିଶେଷ କରି ଗଣେଶ, ସରସ୍ୱତୀ, ବିଶ୍ୱକର୍ମା, ଖୁଦୁରୁକୁଣୀ ମୂର୍ତ୍ତି, ଗ୍ରାମ୍ୟ ଯଜ୍ଞ କମିଟି ପାଇଁ ରାଧାକୃଷ୍ଣ ତଥା ବିଭିନ୍ନ ପ୍ରକାର ମୂର୍ତ୍ତି ଗଢ଼ିଥାନ୍ତି। ଅଭିଳାଷଙ୍କ କହିବାନୁଯାୟୀ ଗୋଟିଏ ମୂର୍ତ୍ତି ତିଆରି କରିବାକୁ ହେଲେ ବାଉଁଶ, ସୁତୁଲି, ଚିକିଟା ମାଟି, ରଙ୍ଗ, କପଡା ଇତ୍ୟାଦି ଆବଶ୍ୟକ ହୋଇଥାଏ। ସେତିକିରେ ସବୁ ସାମାନ କିଣା ପଡୁଛି ଯାହାକି ତାଙ୍କ ପାରିଶ୍ରମିକ ସମାନ ହେଉଛି। ଯଦି ସରକାରଙ୍କ ତରଫରୁ କିଛି ସହାୟତା ମିଳନ୍ତା ତାହେଲେ ଆହୁରି ଅଧିକରୁ ଅଧିକ ମୂର୍ତ୍ତି ତିଆରି କରି ଯୋଗାଇ ଦେବାକୁ ସକ୍ଷମ ହୋଇପାରନ୍ତି ବୋଲି କହିଛନ୍ତି।

## ପୂଜା କମିଟିକୁ ପୁଲିସର କଡ଼ା ତାଗିଦ୍



ଜି.ଉଦୟଗିରି,୨୨।୮ (ସମିସ): ଜି.ଉଦୟଗିରିରେ ବିଭିନ୍ନ ଗଣେଶ ପୂଜା ମଣ୍ଡପ ତରଫରୁ ଆୟୋଜିତ ହେବାକୁ ଯାଉଥିବା ପୂଜା ପାଇଁ ପୁଲିସ ପକ୍ଷରୁ କଡ଼ା ତାଗିଦ କରାଯାଇଛି। ଥାନାରେ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ବିଭିନ୍ନ ଗଣେଶ ପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳ ନାଚ ନକରିବା, ରାସ୍ତା ଅବରୋଧ ହେବାକୁ ନ ଦେବା, ବିକଟାଳ ଡିଜେ ସାଉଣ୍ଡ ଯେପରି ନ ଶୁଭେ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସମସ୍ତେ କିପରି ଶାନ୍ତିଶୃଙ୍ଖଳା ସହ ସମସ୍ତ କାର୍ଯ୍ୟକ୍ରମ ସମାପନ କରିବେ ସେଥିନେଇ ଆଲୋଚନା ହୋଇଥିଲା।

## ପୋଖରୀରେ ବୁଡ଼ି ଯୁବକ ମୃତ

ଗୋଷାଣି,୨୨।୮ (ସମିସ): ଗୋଷାଣି ବ୍ଲକ ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ କତଳକଇଠା ଗ୍ରାମର ରବୀନ୍ଦ୍ର ପାତ୍ର (୨୫) ସ୍ନାନ ପାଇଁ ଯାଇଥିବାବେଳେ ବୁଡ଼ିଯାଇ ମୃତ୍ୟୁ ଘଟିଛି। ଆଜି ସକାଳେ ଗାଁ ପୋଖରୀକୁ ରବୀନ୍ଦ୍ର ସ୍ନାନ ଶୌଚ ପାଇଁ ଯାଇଥିବାବେଳେ କୋ÷ଣସି କାରଣରୁ ବୁଡ଼ି ଯାଇଥିଲେ। ପରିବାରବର୍ଗ ପକ୍ଷରୁ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ମୋହନା,୨୧।୮ (ସମିସ): ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ମୋହନା ପୁଲିସ ଓ ଅଗ୍ନିଶମ ବାହିନୀ। ଆଜି ଅପରାହ୍ନରେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ଏସଆଇ ବି.ନୀଳମାଧବ ରେ‡ୀ ଓ କର୍ମଚାରୀ ମୋହନା ପଞ୍ଚାୟତ ଅଧିନ ବଢ଼େଇପୁର ଗ୍ରାମ ନିକଟ ଦେଇ ବହିଯାଉଥିବା ନଦୀର ଅପର ପାଶ୍ୱର୍ କୂଳରେ ଏକ ମୃତଦେହ ଛୋଟ ଗଛ ମୂଳରେ ଲାଖି ରହିଥିବା ଦେଖିଥିଲେ।ଏ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ କର୍ମଚାରୀ ମିଳିତ ଭାବେ ନଦୀ ପାର ହୋଇ ମୃତଦେହକୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡା.ଅମୃତରାଜ ଜେନା ମୃତ ଘୋଷଣା କରିଥିଲେ। ମୃତ ମହିଳାଙ୍କର ପରିଚୟ ସ୍ପଷ୍ଟ ହୋଇନଥିବା ବେଳେ ଏହା ଲଗାଣ ବର୍ଷା ଯୋଗୁଁ ବନ୍ୟା ପାଣିରେ ଭାସି ଆସି କୂଳରେ ପ୍ରାୟ ଏକ ସପ୍ତାହ ଧରି ରହିଥିବା ପୁଲିସ ଅନୁମାନ କରିଥିବା ସୂଚନା ଦେଇଛନ୍ତି। ଏହାକୁ ନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ

ମୋହନା,୨୨।୮ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକକୁ ଟାଙ୍ଗିଆରେ ହାଣି ହତ୍ୟା ଉଦ୍ୟମ ହୋଇଛି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ରୁଆଆମ୍ବ ଗ୍ରାମରେ। ସୂଚନା ପ୍ରକାରେ ଗୁରୁବାର ରାତିରେ ଗ୍ରାମର ନାରାୟଣ ପଣ୍ଡା ନାମକ ଜଣେ ଯୁବକ ନିଜ ଘର ପିଣ୍ଡାରେ ବସିଥିବା ବେଳେ ଗ୍ରାମର ବିଟୁ ସାହୁ ନାମକ ଯୁବକ ଜଣକ ହଠାତ୍ ଆସି ଏକ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ନାରାୟଣଙ୍କୁ ପ୍ରଥମେ ଚନ୍ଦ୍ରଗିରି ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର ଶିକାର ଯୁବକ ନାରାୟଣଙ୍କ ବାପା ସୁନୀଲ ପଣ୍ଡାଙ୍କ ଲିଖିତ ଅଭିଯୋଗ ପ୍ରକାରେ ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ଆକ୍ରମଣକାରୀ ଯୁବକ ବିଟୁକୁ ଅଟକ ରଖି ତଦନ୍ତ କରୁଛି।

# ଦୁଇ ବାଇକ୍ ମୁହାଁମୁହିଁ; କଲେଜ ଛାତ୍ର ମୃତ

- ଆମ୍ବୁଲାନ୍ସ ନ ଆସିବା ଓ ଚିକିତ୍ସାରେ ବିଳମ୍ବ ନେଇ ଅସନ୍ତୋଷ
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ ଆଇସିୟୁ ଓ ଟ୍ରମା ସେଣ୍ଟର
- ଅକାଳରେ ଚାଲିଯାଉଛି ମୂଲ୍ୟବାନ ଜୀବନ



ପାରଳାଖେମୁଣ୍ଡି,୨୨।୮ (ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ଫରେଷ୍ଟ ରୋଡ୍‌ରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଛାତ୍ର ଓ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ମୃତକ ଗୋଷାଣି ବ୍ଲକ ବଡଗାଁ ଗ୍ରାମର ମୀନକେତନ ମହାବିଦ୍ୟାଳୟର ଛାତ୍ର ମୋହନ ପ୍ରଧାନ (୨୦)। ଆହତ ଛାତ୍ର ଜଣକ ସେହି ଗ୍ରାମର ଏସ୍‌କେସିଜି କଲେଜରେ ପଢୁଥିବା ଉତ୍ତମ ସାମଲ (୧୮) ଓ ଆହତ ବ୍ୟକ୍ତି ଜଣକ ଗାଇବା ଗ୍ରାମର ରବି କାବେରୀ (୪୫)। ପ୍ରକାଶ ଯେ, ଆଜି ଅପରାହ୍ନରେ ଏକ ବାଇକ୍‌ରେ ମୋହନ ଓ ଉତ୍ତମ ଯାଜପୁର ପଟରୁ ପାରଳାଖେମୁଣ୍ଡି ଅଭିମୁଖେ ଆସି ୟୁଟର୍ଣ୍ଣ ନେବାବେଳେ ପାରଳାଖେମୁଣ୍ଡିରୁ ଯାଜପୁର ଅଭିମୁଖେ ଯାଉଥିବା ବାଇକ୍ ସହ ଧକ୍କା ହୋଇଥିଲା। ଏହି ଧକ୍କାରେ ଉଭୟ ବାଇକ୍‌ର ତିନି ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବାରମ୍ବାର ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ୍ୟ ପହଞ୍ଚିନଥିଲା। ଶେଷରେ ପାରଳାଖେମୁଣ୍ଡି ଆଦର୍ଶ ଥାନାରୁ ୧୧୨ ଗାଡି ଆସି ତିନି ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ମୋହନଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତର ଅଭାବ ଯୋଗୁ ଚିକିତ୍ସାରେ ବିଳମ୍ବ ହୋଇଥିବା ଅଭିଯୋଗ ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଆହତ ଅନ୍ୟ ଦୁଇଜଣ ଚିକିତ୍ସିତ ହେଉଛନ୍ତି। ଦୀର୍ଘବର୍ଷ ଧରି ଦୁର୍ଘଟଣାଜନିତ ଚିକିତ୍ସା ନିମନ୍ତେ ଆଇସିୟୁ ଓ ଟ୍ରମା ସେଣ୍ଟର ପାଇଁ ସାଧାରଣ ଲୋକେ ଦାବି କରୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଫଳରେ ଅକାରଣରେ ଜୀବନ ଚାଲିଯାଉଛି। ଦୁର୍ଘଟଣାକୁ ନେଇ ହସ୍ପିଟାଲ ପରିସର ଲୋକାରଣ୍ୟ ହୋଇଥିଲା ଏବଂ ଚିକିତ୍ସାରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଦୁର୍ଘଟଣା ଜନିତ ଏକ ମାମଲା ରୁଜୁ କରି ଉଭୟ ବାଇକ୍‌କୁ ଜବତ କରାଯାଇଛି।

### ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ ବୈଠକ

## ୧୦୮ ପଞ୍ଚାୟତର ୪୮୫ ଗ୍ରାମରେ କାର୍ଯ୍ୟକାରୀ ହେବ



ପାରଳାଖେମୁଣ୍ଡି,୨୨।୮ (ସମିସ)

ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ ଉପଲକ୍ଷେ ଜିଲ୍ଲାସ୍ତରୀୟ ଅଭିମୁଖୀକରଣ ପ୍ରାରମ୍ଭିକ ବୈଠକ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ମୁଖ୍ୟ ଚିକିତ୍ସା ଡା.ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୋଲମାନ ରାଇକା ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନ ଉପସ୍ଥିତ ଥିଲେ। ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଆଦି କର୍ମଯୋଗୀ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଏକ ଆକାଂକ୍ଷିତ କାର୍ଯ୍ୟକ୍ରମ। ଯେଉଁଥିରେ ୧୧ କୋଟି ଆଦିବାସୀ ବର୍ଗଙ୍କୁ ସଂଶ୍ଳିଷ୍ଟ କରାଯିବ। ଏହା ସହିତ ୧ ଲକ୍ଷ ଆଦିବାସୀ ଅଧ୍ୟୁଷିତ ଗ୍ରାମ, ୩୦ ରାଜ୍ୟ, ୫୦୦ ଜିଲ୍ଲା, ୩୦୦୦ ବ୍ଲକରେ ୨୦ ଲକ୍ଷ କର୍ମଯୋଗୀ ସୃଷ୍ଟି କରାଯିବ। ଆଦି କର୍ମଯୋଗୀ ଅଭିଯାନର ମୂଳ ଉଦ୍ଦେଶ୍ୟ ଆଦିବାସୀ ଅଞ୍ଚଳରେ ସେବାରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଚେତନ, କର୍ତ୍ତବ୍ୟ ନିଷ୍ଠ ଓ ଲୋକାଭିମୁଖୀ କରିବା ବୋଲି କୁହାଯାଇଥିଲା। ଏହାର ସଫଳ ରୂପାୟନ ପାଇଁ ଏକ ତ୍ରିସ୍ତରୀୟ ଶ୍ରେଣୀ ଯେମିତିକି ଆଦି କର୍ମଯୋଗୀ, ଆଦି ସହଯୋଗୀ ଏବଂ ଆଦି ସାଥୀର ସଂରଚନା ବ୍ୟବସ୍ଥା ରହିଛି। ସେମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ।

ଗଜପତି ଜିଲ୍ଲାର ୭ ବ୍ଲକରେ ୧୦୮ ପଞ୍ଚାୟତ ତଥା ୪୮୫ ଗ୍ରାମରେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକାରୀ କରାଯିବ। ଏହି ଅଭିଯାନରେ ଜିଲ୍ଲା ପ୍ରଶାସନଙ୍କୁ ତିନି ସ୍ୱେଚ୍ଛାସେବୀ ସଂଗଠନ ପିରାମଲ ଫାଉଣ୍ଡେସନ, ସୁରକ୍ଷା, ସିସିଡ଼ିକୁ ପ୍ରତିଟି ବିକଶିତ ଗ୍ରାମ କରିବା ଲକ୍ଷ୍ୟ ଦିଗରେ ଆବଶ୍ୟକ ହେଉଥିବା କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାରେ ସହଯୋଗ କରିବେ ବୋଲି କୁହାଯାଇଛି।

## ବ୍ଲକ୍ ଲୋକପ୍ରତିନିଧିଙ୍କ ସହ ବିଧାୟକଙ୍କ ଆଲୋଚନା



କାଶୀନଗର,୨୨।୮ (ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଲୋକ ପ୍ରତିନିଧିଙ୍କ ସହ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ କାଶୀନଗରରେ ପହଞ୍ଚି ଶୁକ୍ରବାର ଆଲୋଚନା କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ ଓ ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମାଙ୍କ ଉପସ୍ଥିତିରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ବ୍ଲକର ୧୨ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଉପରେ ଲୋକପ୍ରତିନିଧିଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ପ୍ରତ୍ୟେକ ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀଙ୍କ ଉପସ୍ଥିତିରେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ତୃଣମୂଳ ସ୍ତରରେ ସରକାର ଯୋଜନା କିପରି ପହଞ୍ଚିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ କହିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତରେ ରାସ୍ତା, ପାଣି ସମସ୍ୟା, ସ୍ୱାସ୍ଥ୍ୟ ଓ ଶିକ୍ଷା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ବିଧାୟକ। ବହୁ ବିକାଶମୂଳକ କାର୍ଯ୍ୟ କିପରି ଚାଲିଛି, କେତେକ କାର୍ଯ୍ୟ ଅଟିକି ରହିଛି, ସେହିପରି ନୂତନ କାର୍ଯ୍ୟ କିପରି ହେଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହିପରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପରେ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷା, ବ୍ଲକ ବିଡିଓଙ୍କ ସହ ଉକ୍ତ ସମସ୍ୟା ଓ ପଞ୍ଚାୟତ ଗୁଡିକରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। କିପରି ଉକ୍ତ ବିକାଶମୂଳକ କାର୍ଯ୍ୟ ନିୟମିତ ଭାବେ ହେବ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ବିଡ଼ିଓଙ୍କୁ ବିଧାୟକ କହିଥିଲେ। ବିକାଶ କାର୍ଯ୍ୟପାଇଁ ଆସିଥିବା ସରକାର ପାଣ୍ଠି ଉକ୍ତ କାମ ଗୁଡିକ ଉପରେ ସଠିକ ବ୍ୟବହାର ହେଇପାରିବ ତାହା ଶୀଘ୍ର କରିବା ନେଇ ବିଧାୟକ କହିଥିଲେ। ଏହି ଅବସରରେ ବ୍ଲକର ଖାଣ୍ଡବା, ବୁଦୁରା, ଅଲଡ଼ା, କିଡିଗାଁ, ପାର୍ତ୍ତଡ଼ା , ଖାରଡ଼ା, ସୀତାପୁର, ସିଧାମଡ଼ଙ୍ଗ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀ, ନେତା ଉପସ୍ଥିତ ଥିଲେ।

## ଭାଷାବିତ୍ ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମାଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,୨୨।୮ (ସମିସ): ଓଡ଼ିଆ ସାହିତ୍ୟର ଆଦ୍ୟ ସମାଲୋଚକ, ଓଡ଼ିଆ ଶବ୍ଦତତ୍ତ୍ୱ ଅଭିଧାନ ଓ ଓଡ଼ିଆ ଭାଷାତତ୍ତ୍ୱର ପ୍ରଣେତା ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମାଙ୍କ ରାଜ୍ୟସ୍ତରୀୟ ୧୫୭ତମ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ସ୍ନାତକୋତ୍ତର ବିଭାଗର ପ୍ରଫେସର ସଦାନନ୍ଦ ନାୟକ ମୁଖ୍ୟଅତିଥି ଓ ବ୍ରହ୍ମପୁରସ୍ଥ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଡ଼.କୁଳମଣି ଓଝା ସମ୍ମାନିତ ଅତିଥିଭାବେ ଯୋଗଦେଇ ପଣ୍ଡିତ ନନ୍ଦଙ୍କୁ ଭାରତର ଅନ୍ୟତମ ଶ୍ରେଷ୍ଠ ଭାଷାବିତ୍ ବୋଲି ଅଭିହିତ କରିବା ସହ ତାଙ୍କ ପ୍ରଣୀତ ଭାଷାତତ୍ତ୍ୱ ଗ୍ରନ୍ଥ ଓ ଶ୍ରୀ ଭାରତ ଦର୍ପଣର ମୂଲ୍ୟାୟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ଅତିଥି ସ୍ୱାଗତ କରିଥିବା




ବେଳେ ଅତିଥିଙ୍କୁ ଆମନ୍ତ୍ରଣ କରିଥିଲେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଶତାଧିକ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଉତ୍କଳ ହିତୌଷିଣୀ ସମାଜ ସଭାପତି ଭରତଭୂଷଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶରତ ସାହୁ, ବିଷ୍ଣୁ ପଣ୍ଡା, ନିତ୍ୟାନନ୍ଦ ଚୌଧୁରୀ, ତ୍ରିପତି ପ୍ରସାଦ ପଣ୍ଡା ଓ ମୁରଲୀଧର ପରିଚ୍ଛା, ଶ୍ୟାମସୁନ୍ଦର ଗନ୍ତାୟତ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଏଫ୍‌ଏଲ୍‌ଏନ୍ ଶ୍ରେଣୀ ଗୃହ ଉଦ୍‌ଘାଟିତ



ଫିରିଙ୍ଗିଆ,୨୨।୮ (ସମିସ): ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ପଞ୍ଚାୟତ ଦୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଏଫଏଲ୍‌ଏନ ଶ୍ରେଣୀଗୃହ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପଧାନ ମୁଖ୍ୟଅତିଥି, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ ବେହେରା ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଶାନ୍ତ କୁମାର ଦିଗାଲ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିଥିଲେ। ବରେପାଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ହେମଲତା ମୁଖୀ, କରଣ୍ଡାଗଡ଼ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱରୂପାରାଣୀ କହଁର ଯୋଗ ଦେଇଥିଲେ। ଦୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୋଟିଏ ଶ୍ରେଣୀ ଗୃହକୁ ବାଲ୍ ବାଟିକା, ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟର କାନ୍ଥଚିତ୍ର ସହିତ ଭରପୁର ରଙ୍ଗୀନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଶିକ୍ଷଣ ସହାୟକ ଓ ଆକର୍ଷଣୀୟ କରାଯାଇଛି। ଏହି ଶିକ୍ଷଣ ସାମଗ୍ରୀ ଶ୍ରେଣୀ ଅନୁଯାୟୀ ଏବଂ ଦକ୍ଷତା ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଶିକ୍ଷକ ସୀମାଞ୍ଚଳ ମୁଖୀ ଯୋଗଦେଇ ପିଲାଙ୍କ ସହଜ ସୁନ୍ଦର ଏବଂ ଆକାର୍ଷଣୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପଧାନ କୁନି କୁନି ପ୍ରାରମ୍ଭିକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଦେଖାଇ ପ୍ରଶ୍ନୋତ୍ତର ମାଧ୍ୟମରେ ଶିକ୍ଷାଦାନ କରିଥିଲେ ଏବଂ ଏହାଦ୍ୱାରା ପିଲାମାନଙ୍କ ମୌଳିକ ଧାରଣା ମଜଭୂତ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସୁନୀଲ କୁମାର ହାଁସଦା, କାମତୁଲା କହଁର, ଭୋଲେଶ୍ୱର ଭୋଇ, ଭଗବାନ ପରିଡା, ବିଭୁତି ଭୂଷଣ ଚୌଧୁରୀ ଏବଂ ଅରୁଣିପ୍ରିୟା ଖଣ୍ଡାଇ ସହଯୋଗ କରିଥିଲେ।

## କୃଷକ ଓ କ୍ରେତାଙ୍କ ମଧ୍ୟରେ ସାକ୍ଷାତକାର ସଭା ଓ ବଜାର ସମ୍ପର୍କ କର୍ମଶାଳା

ପାରଳାଖେମୁଣ୍ଡି,୨୨।୮ (ସମିସ): ଜିଲ୍ଲାସ୍ତରୀୟ କୃଷକ ଓ କ୍ରେତାଙ୍କ ମଧ୍ୟରେ ସାକ୍ଷାତକାର ସଭା ଓ ବଜାର ସମ୍ପର୍କ କର୍ମଶାଳା ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ପ୍ରତିକ ସମୟରେ ଫସଲର ବିବିଧିକରଣ ସମ୍ପର୍କରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ ଗୋଷ୍ଠୀ ଭିତ୍ତିକ ସଂଗଠନ ଗଠନ କଲେ ଧାନ ଠାରୁ ଅଧିକ ଲାଭ ପାଇପାରିବେ ବୋଲି ବିଭିନ୍ନ ବକ୍ତା କହିଥିଲେ। କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଦୀର୍ଘକାଳୀନ ବିଶ୍ୱାସଯୋଗ୍ୟ ବାତାବରଣ ସୃଷ୍ଟି, ଗୁଣାତ୍ମକ କୃଷି ଉତ୍ପାଦନ ସାମଗ୍ରୀର ବିକ୍ରି ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରଙ୍କ ପ୍ରଯୋଜିତ ଯୋଜନାଗୁଡିକ ଠିକ୍ ଭାବରେ ଦୀର୍ଘ ମିଆଦି ସୂତ୍ରରେ ଚାଷୀ ଆପଣାଇବା ଦରକାର। କେବଳ ସବ୍‌ସିଡି ପାଇବା ଆଶାରେ ନୂତନ କାର୍ଯ୍ୟ କଲେ ଚାଷୀ ସଫଳତା ହାସଲ କରିପାରିବ ନାହିଁ। ବିକଶିତ ଭାରତ ଗଠନରେ ଚାଷୀଙ୍କ ଅବଦାନ ଅତୁଳନୀୟ ବୋଲି କୁହାଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲାକୃଷି ଅଧିକାରୀ ସଞ୍ଜୟ କୁମାର ଦଲେଇ, ଉପନିର୍ଦ୍ଦେଶକ ଉଦ୍ୟାନ ସୁଶାନ୍ତ ଦାସ , ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚଳନ ସୁନାରାମ ସିଂ, ଜିଲ୍ଲା ପ୍ରକଳ୍ପ ପରିଚାଳକ, ଓଡ଼ିଶା ଜୀବିକା ମିଶନର ଟିମନ ବରା, ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ଼.ଦୁର୍ଗା ପ୍ରସାଦ ପାଢ଼ୀ, ଗୁମ୍ମା କୃଷି ଅଧିକାରୀ ନାରାୟଣ ଚାନ୍ଦ, ଯୋଜନା ଅଧିକାରୀ କେ. ସୁରଜ କୁମାର ପାତ୍ର ମଞ୍ଚାସୀନ ଅତିଥି ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଚାଳକ ଆଦର୍ଶ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ପ୍ରଦାନ



ରାଇକିଆ,୨୨।୮ (ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଗୁମାମାହା ପଞ୍ଚାୟତରେ ଭିନ୍ନକ୍ଷମଙ୍କୁ ବିଭିନ୍ନ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଧ୍ୟମ ଫାଉଣ୍ଡେସନ ଓ ଏଡବ୍ଲୁଓ ଇଣ୍ଟରନ୍ୟାସନାଲ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଇକିଆ ବିଡିଓ ସବ୍ୟସାଚୀ ସାହୁ ଓ ଗୁମାମହା ସରପଞ୍ଚ ପ୍ରମିଳା ପ୍ରଧାନ ଯୋଗ ଦେଇ ଟ୍ରାଇସାଇକଲ, ଦୃଷ୍ଟିବାଧିତଙ୍କ ପାଇଁ ଆଶାବାଡ଼ି, ହୁଇଲ୍‌ଚେୟାର ଇତ୍ୟାଦି ସାମଗ୍ରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଏସ୍‌ଏସ୍‌ଓ ରାମକୃଷ୍ଣ ବେହେରା ଓ ସହକାରୀ ଯନ୍ତ୍ରୀ ବଣ୍ଟି ଚୌଧୁରୀ ଯୋଗ ଦେଇଥିଲେ। ମାଧ୍ୟମ ଫାଉଣ୍ଡେସନର ସଞ୍ଜୀବ ଖଣ୍ଡଗିରି, ସୌଭାଗ୍ୟ ମିଶ୍ର ଓ ଜଳନ୍ଧର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ସୁଗଡ଼ବାଡି ଓ ଦଦଙ୍ଗିଆ, ପେଟପାଙ୍ଗା ପଞ୍ଚାୟତରେ ମଧ୍ୟ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଅଜଣା ରୋଗରେ ପୀଡ଼ିତ କିତିଙ୍ଗି ଗ୍ରାମବାସୀ

- ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଧାୟକ
- ଜ୍ୱର ପୀଡ଼ିତଙ୍କ ରକ୍ତନମୁନା ସଂଗ୍ରହ, ଡେଙ୍ଗୁ ସନ୍ଦେହ



କାଶୀନଗର,୨୨।୮ (ସମିସ)

ଗଜପତି ଜିଲ୍ଲା କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତ କିତିଙ୍ଗି ଗ୍ରାମରେ କିଛିଦିନ ହେଲା ଅଜଣା ରୋଗ ବ୍ୟାପୁଛି। ଖବର ପାଇ ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ। ବିଧାୟକଙ୍କ ପରିଦର୍ଶନ ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା ଓ ସମିତିସଭ୍ୟ ବି. ବାବୁରାଓ ଉପସ୍ଥିତ ଥିଲେ। ଉକ୍ତ ଗ୍ରାମରେ ପାଖାପାଖି ୨୦୦ ଘର ରହିଥିବା ବେଳେ କିଛିଦିନ ହେଲା ଶତାଧିକ ଗ୍ରାମବାସୀଙ୍କୁ ଜ୍ୱର ହେବା ସହ ହାତଗୋଡ଼ ବିନ୍ଧା ହୋଇ ଘରୁ ଉଠିପାରୁନାହାନ୍ତି। ଗତକାଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମେଡିକାଲ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ଜ୍ୱର ପୀଡିତଙ୍କ ରକ୍ତ ନମୂନା ସଂଗ୍ରହ କରିଥିଲେ। ଅଧିକ ଚିକିତ୍ସା ପାଇଁ ଲୋକେ ଆନ୍ଧ୍ର ଯାଇ ଖର୍ଚ୍ଚାନ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟକାର୍ଡ ମେଡ଼ିକାଲରେ ଲାଗୁ ହୋଇନଥିବା ଯୋଗୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ନେଇ ଜଣାଇଛନ୍ତି ଗ୍ରାମବାସୀ। ବିଧାୟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଫୋନରେ ଯୋଗାଯୋଗ କରି ଅତିଶୀଘ୍ର ଗ୍ରାମବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆଲୋଚନା କରିଥିଲେ। ଗ୍ରାମର ଚାରିପଟେ ଅଳିଆ ଆବର୍ଜନା ପଡ଼ି ରହିଥିବା, କେନାଲ ସଫେଇ ହୋଇନଥିବା, କେନାଲ ନିର୍ମାଣ ହୋଇନଥିବା ଯୋଗୁ ବର୍ଷା ଆବର୍ଜନା ପାଣି ଗାଁ ମଧ୍ୟକୁ ଆସୁଥିବା ଯୋଗୁ ଗ୍ରାମବାସୀ ରୋଗରେ ପଡୁଥିବା ସନ୍ଦେହ କରାଯାଉଛି ବୋଲି ବିଧାୟକ କହିଛନ୍ତି।

ସେହିପରି ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରିଥିଲେ ବିଧାୟକ। ଲୋକଙ୍କ ଠାରେ ଯେଉଁ ଲକ୍ଷଣ ଦେଖିବାକୁ ମିଳୁଛି ତାହା ଡେଙ୍ଗୁ ହୋଇପାରେ। ରକ୍ତ ପରୀକ୍ଷା ରିପୋର୍ଟ ଆସିବା ପରେ ପ୍ରକୃତ ରୋଗ ଜଣାପଡିବ ବୋଲି ସ୍ୱାସ୍ଥ୍ୟକର୍ମୀ କହିଥିଲେ। ଏଥିସହ ଗ୍ରାମର ରାସ୍ତା ସମସ୍ୟା ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ। ନୂତନ ରାସ୍ତା ନିର୍ମାଣ କିପରି ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ବିଧାୟକ କହିଛନ୍ତି।

## ମନ୍ଦିର ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

କବିସୂର୍ଯ୍ୟନଗର, ୨୨।୮ (ସମିସ): କବିସୂର୍ଯ୍ୟନଗର ଭେଙ୍କଟେଶ୍ୱର ଓ ଭାଗବତ ମଠ ଗଳି ପାଲଟିଛି ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ। ସଞ୍ଜ ନଇଁଲେ ଅସାମାଜିକଙ୍କ ଆଡ୍ଡା ଜମୁଛି। ମଠ, ଭେଙ୍କଟେଶ୍ୱର ମନ୍ଦିର ଓ ତିନି ଦକ୍ଷିଣକାଳୀ ମନ୍ଦିର ଏହି ରାସ୍ତାକୁ ସଂଯୋଗ କରୁଛି। ଏହି ଗଳି ରାସ୍ତାରେ ଟ୍ୟୁସନ ଛାତ୍ରଛାତ୍ରୀ, ମହିଳା ଯାତାୟାତ କରନ୍ତି। ସେମାନେ ନିଶାଖୋରଙ୍କ ଅଶ୍ଳୀଳ ଇଙ୍ଗିତର ଶିକାର ହୁଅନ୍ତି। ସେହିପରି ଏହି ଗଳି ଅବାଧ ପରିସ୍ରାଗାର ପାଲଟିଛି। ଗଳି ମଝିରେ ବିଦ୍ୟୁତ ଖୁଣ୍ଟ ଅଛି ତେବେ ଆଲୁଅ ଜଳୁନାହିଁ। ଯାହାର ସୁବିଧା ଉଠାଇଥାନ୍ତି ଅସାମାଜିକ ଯୁବକ। ତେଣୁ ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ରାସ୍ତା ନିର୍ମାଣ କାମ ନିମ୍ନମାନର ଅଭିଯୋଗ

ଗଞ୍ଜାମ, ୨୨।୮ (ସମିସ): ଗଞ୍ଜାମ ଏନଏସି ଅନ୍ତର୍ଗତ ଜୟଶ୍ରୀ ଛକ ଠାରୁ ବରପଲ୍ଲୀ ଗ୍ରାମକୁ ସଂଯୋଗ ରାସ୍ତା ନିର୍ମାଣ କାମ ନିମ୍ନମାନର ନେଇ ଗ୍ରାମର ଯୁବକମାନେ ଅଭିଯୋଗ ଆଣିଛନ୍ତି। ଦୀର୍ଘଦିନ ପରେ ନିର୍ମାଣ ହେଉଥିବା ଏହି ରାସ୍ତାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ରହିଥିବା ବେଳେ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ଯୋଗୁଁ ଘୋର ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ସୂଚନାଯୋଗ୍ୟ ଜୟଶ୍ରୀ ଛକଠାରୁ ବରପଲି ଗ୍ରାମକୁ ସଂଯୋଗ ରାସ୍ତାରେ କିଛି ଅଂଶ ବର୍ତ୍ତମାନ ଫେବର ରୋଡ ତିଆରି ଚାଲିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଯେଉଁ ପରିମାଣରେ ସିମେଣ୍ଟ ବାଲି ମିଶ୍ରଣ ହେବା କଥା ତାହା ହୋଇନି। ଫଳରେ ଟିକିଏ ବର୍ଷାରେ ତାହା ଭାଙ୍ଗି ପଡ଼ିଛି। ସେହିପରି ଯେଉଁ ନିୟମ ଅନୁସାରେ କାନ୍ଥ ହେବା କଥା ତାହା ମଧ୍ୟ ହେଉନି। ଫଳରେ କମ୍ ଦିନରେ ରାସ୍ତା ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ସତ୍ୟ ନାରାୟଣ ବିଶୋଇଙ୍କ ଯୋଗାଯୋଗ ବେଳେ ସେ ରାସ୍ତାର ତଦନ୍ତ ପାଇଁ ଆସିବେ ବୋଲି ପ୍ରକାଶ କରିଛନ୍ତି।

## ଆଡ଼ିବନ୍ଧ ନିର୍ମାଣ ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ରମ୍ଭା, ୨୨।୮ (ସିମସ): ମାର୍ଚ୍ଚ ମାସରେ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଗଞ୍ଜାମ ଗସ୍ତ ସମୟରେ ବିଜେପି ତଥା ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଚାଷୀଙ୍କୁ ଆଡ଼ିବନ୍ଧ ସାହାଯ୍ୟରେ ପାଣି ଜମାଟ କରି ସେଚନ ମାଧ୍ୟମରେ ଚାଷ ଜମିକୁ ଯୋଗାଇବାକୁ ଦାବି କରିଥିଲେ। ଜାଗାଗୁଡ଼ିକ ହେଲା ରତନୀ ପାହାଡ଼, କିଆ ନାଳ ବାହାଡ଼ାପଲି, ଶତ୍ରୁଶୋଳ, ନନ୍ଦିଘର ଡିଆଁ ଡେଇଁ, ବଣ ଘାଇ ମଧୁରୁଟୁଆ, ମିଞ୍ଜିନିପାଟଣା ରମ୍ଭା, ଜେଆରଜିପୁର, ପାଲଙ୍ଗ ପଞ୍ଚାୟତ ପ୍ରମୁଖ। ଗୁରୁବାର ସେହି ଜାଗା ପରିଦର୍ଶନ କରାଯାଇଥିଲା। ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ବିଜେପି ନେତା ବସନ୍ତ ନାହାକ, ରତ୍ନାକର ଦାସ ପ୍ରମୁଖ ସ୍ଥାନ ବୁଲି ଦେଖିବା ସହ ସେଠାରେ ଚାଷୀ ମାନଙ୍କୁ ଭେଟିଥିଲେ। ସୁଜୟ ନାୟକ, କରୁଣାକର ଦାସ, ଜୟସେନ ଦାସ, ରାଜେନ୍ଦ୍ର ଦାସ, ଆଦିକନ୍ଦ ଦାସ, କାମେଶ୍ୱର ନାହାକ, ପଦ୍ମସେନ ନାହାକ, ବନମାଳୀ ନାହାକ, ସି ଲକ୍ଷ୍ମଣ ପାତ୍ର ସଞ୍ଜୟ ନାହାକ ଓ ପ୍ରବୀଣ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

ପାରଳାଖେମୁଣ୍ଡି, ୨୨।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ପାରଳାଖେମୁଣ୍ଡି ଫଟୋଗ୍ରାଫର ମହାସଂଘ ପକ୍ଷରୁ ଏହି ଉପଲକ୍ଷେ ସ୍ଥାନୀୟ ରାଜସାହି ସମ୍ମୁଖରେ କେକ୍ କଟାଯାଇଥିଲା। ଏହି ଅବସରରେ ଲୁଇସ ଡାଗରଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଦିନକୁ ଦିନ ବୈଷୟିକ ଜ୍ଞାନ କୌଶଳର ଅଭିବୃଦ୍ଧି ଯୋଗୁଁ କୌଳିକ ବୃତ୍ତି ଭାବେ ପିଢ଼ି ପରେ ପିଢ଼ି ଫଟୋଗ୍ରାଫି କରିଆସୁଥିବା ବ୍ୟକ୍ତିବିଶେଷଙ୍କ ଜୀବନଜୀବିକା ପ୍ରଭାବିତ ହୋଇଥିବା ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡିର ସମସ୍ତ ଫଟୋଗ୍ରାଫର ସାମିଲ ହୋଇଥିଲେ।

## ଡିଣ୍ଡିରାଗାଁ ପଞ୍ଚାୟତରେ ଆଇନ ସଚେତନତା ଶିବିର




ଫୁଲବାଣୀ, ୨୨।୮ (ସମିସ): ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାମ ଶଙ୍କର ହୋତାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଡିଣ୍ଡିରାଗାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଏକ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ରମାକାନ୍ତ ମହାନ୍ତି, ଡିଏସପି ସର୍ବେଶ୍ୱର ବେହେରା, ସହକାରୀ ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କହଁର, ଫିରିଙ୍ଗିଆ, ବିଏସଏସଓ ଜ୍ଞାନରଞ୍ଜନ ସେଠୀ, ଫିରିଙ୍ଗିଆ ଏପିଓ ସୁମନ୍ତ ଉଠାଣସିଂ, ଡିଣ୍ଡିରାଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚକ୍ରଧର ମହାରଣା ଯୋଗ ଦେଇଥିଲେ। ଶିବିରରେ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଥିବା ପାରା ଲିଗାଲ ସ୍ୱେଚ୍ଛାସେବୀ, ଫିରିଙ୍ଗିଆ ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ମାଗଣା ଆଇନ ସେବା ପାଇବାକୁ ଉପଲବ୍ଧ ଥିବା ହେଲ୍ପଲାଇନ ନମ୍ବର ୧୫୧୦୦ ଓ ପୋର୍ଟାଲ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଥିଲା। ଶିବିରକୁ ଅଶୋକ କୁମାର ପ୍ରଧାନ ପରିଚାଳନା କରିଥିଲେ। ଫିରିଙ୍ଗିଆ ବ୍ଲକର ଏପିଓ ସୁମନ୍ତ ଉଠାଣସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରଙ୍କ ଆନ୍ତରିକତା ଅଭାବ

# ଆଖୁ ଚାଷରୁ ମୁହଁ ମୋଡ଼ିଲେଣି ଚାଷୀ

ଶେରଗଡ଼, ୨୨।୮ (ସମିସ)



ଗଞ୍ଜାମ ଜିଲ୍ଲା ଆଖୁ ଚାଷ ଲାଗି ପ୍ରସିଦ୍ଧ। ଏଠାକାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୬୨ ମସିହାରେ ଆସିକାରେ ଏକ ସମବାୟଭିତ୍ତିକ ଚିନି ଶିଳ୍ପ ସ୍ଥାପନ କରିଥିଲେ। ଏସିଆ ମହାଦେଶର ସର୍ବପୁରାତନ ଚିନି ଶିଳ୍ପ ଆଜି ତାର ଅସ୍ତିତ୍ୱ ହରାଇବାକୁ ବସିଛି। ଏହି ଚିନି ଶିଳ୍ପ ବର୍ତ୍ତମାନ କ୍ଷତିର ସମ୍ମୁଖୀନ ହୋଇ ୩୪ କୋଟିରେ ପହଞ୍ଚିଛି ଏବଂ ଧୀରେ ଧୀରେ ବନ୍ଦ ହେବାକୁ ବସିଛି।

ପ୍ରକାଶ ଥାଉକି, ୩୦ ବର୍ଷ ତଳେ ଗଞ୍ଜାମ ଜିଲ୍ଲାରେ ଆଖୁ ଚାଷ ଏପରି ଜୋର ଧରିଥିଲା ଯେ, ଜିଲ୍ଲା ବାହାରେ ବନ୍ଧୁ ଘରକୁ କଳସି ଗୁଡ଼ ମାଠିଆ ଯାଉଥିଲା। ଏବେ ତାହା ସ୍ୱପ୍ନ ହୋଇଯାଇଛି। ସେତେବେଳେ ଚାଷୀଟିଏ ଆଖୁଚାଷ କରି ନିଜ ପରିବାର ପ୍ରତିପୋଷଣ କରିପାରୁଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଗୋଟିଏ ଆଖୁଚାଷୀ ଆଖୁ ଚାଷ କରି ପରିବାର ଚଳାଇବା ସମ୍ଭବପର ନୁହେଁ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

୧୯୮୦ରୁ ୧୯୮୫ ମଧ୍ୟରେ ଶେରଗଡ଼, ଆସିକା, କବିସୂର୍ଯ୍ୟନଗର, ବେଗୁନିଆପଡ଼ା, ବଡଖେମୁଣ୍ଡି, ଭଞ୍ଜନଗର ବ୍ଲକର ପ୍ରାୟ ପଞ୍ଚାୟତରେ ୧୦ ହଜାର ଏକର ଜମିରେ ଆଖୁ ଚାଷ ହେଉଥିଲା। ୨୦୦୨-୦୩ ବେଳକୁ ଏହା ୫୩୨୮ ଏକରକୁ ଖସି ଆସିଥିଲା। ସେହିପରି ୨୦୦୯-୧୦ ବେଳକୁ ଏହା ୨୨୮୫ ଏକର, ୨୦୨୦-୨୧ରେ ୨୬୯୦, ୨୧-୨୨ ରେ ୧୮୬୩, ୨୦୨୨-୨୩ରେ ୨୦୦୧, ୨୦୨୩-୨୪ରେ ୨୧୫୪, ୨୦୨୪-୨୫ ରେ ୨୦୧୯ ଏବଂ ୨୦୨୫-୨୬ରେ ଏହା ଖସି ଖସି ଆସି ୧୨୦୬ ଏକରରେ ସିମୀତ ହୋଇଯାଇଛି। ଏହି ଅନୁସାରେ ଜିଲ୍ଲାରେ ଆଖୁଚାଷ ଆଗେଇ ଚାଲିଛି। କିନ୍ତୁ ଆସିକା ସମବାୟ ଚିନି ଶିଳ୍ପ ଆଖୁଚାଷର ଅଭିବୃଦ୍ଧି ଲାଗି ପରିଚାଳନା କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରୁନଥିବା ହେତୁ ଆଖୁଚଷୀ ଏହି ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଯାହା ଫଳରେ, ଆଖୁଚାଷ ଅଞ୍ଚଳରୁ ହ୍ରାସ ପାଉଛି। ଆଖୁଚାଷ ହ୍ରାସ ପାଇବାର କାରଣ ହେଲା, ଧାନ ଚାଷରେ ଯେପରି ଧାନ ଅମଳ ଓ ଧାନ ଆୟ କରିବା ଲାଗି ଆଧୁନିକ ଯନ୍ତ୍ରପାତିର ପ୍ରବେଶ ଯୋଗୁଁ ଶ୍ରମିକ ସମସ୍ୟାର ସମାଧାନ ହୋଇପାରିଛି। ସେହିଭଳି ଆଖୁଚାଷର ଅମଳ କରିବା ଲାଗି ସେପରି ଅମଳ କରିବା ଯନ୍ତ୍ରପାତି ଯଦି କାରଖାନା କର୍ତ୍ତୃପକ୍ଷ ଉପଲବ୍ଧ କରାଇପାରନ୍ତେ ତାହା ହେଲେ ଚାଷୀର ଶ୍ରମିକ ସମସ୍ୟା ଦୂର ହୋଇପାରନ୍ତା ଏବଂ ଆଖୁଚାଷ ଲାଗି ଆଗ୍ରହ ପ୍ରକାଶ କରନ୍ତା ବୋଲି ଆଖୁଚାଷୀ ଅଜୟ କୁମାର ପାଢ଼ୀ ପ୍ରକାଶ କରିଛନ୍ତି। ସରକାର ଶ୍ରମିକଙ୍କ ପାରିଶ୍ରମିକ ବୃଦ୍ଧି କରିବା ଦ୍ୱାରା ଚାଷୀ ଉପରେ ଅଯଥା ପ୍ରଭାବ ପଡୁଛି ଏବଂ ଚାଷୀ ଆର୍ଥିକ ସମସ୍ୟା ଦେଇ ଗତି କରୁଛି। ବର୍ତ୍ତମାନ ଗୋଟିଏ ଆଖୁଚାଷୀକୁ ଚିନି ଶିଳ୍ପରେ ଆଖୁ ପହଞ୍ଚାଇବା ଲାଗି ଏକର ପିଛା ୧ ଲକ୍ଷ ୧୬ ହଜାର ୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଏକର ପିଛା ଆଦାୟ ୧ ଲକ୍ଷରୁ ୧ ଲକ୍ଷ ୫ ହଜାର ଟଙ୍କା ହେଉଛି। ଦୈବୀ ଦୁର୍ବିପାକ ଏବଂ ବନ୍ୟଜନ୍ତୁଙ୍କ ଦ୍ୱାରା ଆଖୁଚାଷୀ ବହୁ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାର ଅନ୍ୟ ସମସ୍ତ ଶସ୍ୟ ପ୍ରତି ଯେଭଳି ବୀମା କରୁଛନ୍ତି, ଠିକ ସେହିଭଳି ଆଖୁଚାଷକୁ ଯଦି ବୀମାଭୁକ୍ତ କରାଇଥାନ୍ତେ, ତେବେ ଚାଷୀ ଉପକୃତ ହୋଇପାରନ୍ତେ। ଏହାକୁ ଠିକ ଭାବେ କାରଖାନା କର୍ତ୍ତୃପକ୍ଷ ସରକାରଙ୍କ ନିକଟରେ ଉପସ୍ଥାପନା କରିବା ଲାଗି ଦକ୍ଷ ନେତୃତ୍ୱର ଅଭାବ ରହିଛି। ଫଳରେ ହଜାର ହଜାର ଆଖୁଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି ଏବଂ ପରିଚାଳନା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହେଉଥିବା ଚାଷୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଆଖୁଚାଷ ଏକ ଦୀର୍ଘ ମିଆଦି ଚାଷ। ଏହା ବର୍ଷକର ଫସଲ ହୋଇଥିବା ବେଳେ ଉଚିତ ଦାମ ନମିଳିବା ଯୋଗୁଁ ଚାଷୀ ଧାନ ଚାଷ ପ୍ରତି ମନ ବଳାଉଛନ୍ତି। ବ୍ୟୟବହୁଳ ଚାଷ ହୋଇଥିବା ବେଳେ ସରକାରଙ୍କ ପ୍ରୋତ୍ସାହନ ସେପରି ନାହିଁ। ଏହି ସବୁ ପ୍ରକାରର ବିଭିନ୍ନ ସମସ୍ୟା ଲାଗି ଆଖୁଚାଷ କରିବାକୁ ଧୀରେ ଧୀରେ ଗଞ୍ଜାମ ଜିଲ୍ଲାର ଚାଷୀ ମୁହଁ ମୋଡିଲେଣି।

## ଚାଷୀ ପଞ୍ଜୀକରଣ ସରଳ କରିବାକୁ ଦାବି



ଛତ୍ରପୁର, ୨୨।୮ (ସମିସ): ଚାଷୀ ପଞ୍ଜୀକରଣ ସରଳୀକରଣ କରିବା ଦାବି ନେଇ ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ନେତୃତ୍ୱରେ ଛତ୍ରପୁର ବ୍ଲକର ବହୁ ଚାଷୀ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ୪୦ ବର୍ଷ ହେଲା ସେଟେଲମେଣ୍ଟ କ୍ୟାମ୍ପ ହୋଇ ନଥିବାରୁ ଜମିଜମା ରେକର୍ଡର ସଂଶୋଧନ ହୋଇନାହିଁ। ମାତ୍ର ଚଳିତ ବର୍ଷ ସରକାରଙ୍କ ନୂଆ ନିୟମ ହେବା ଫଳରେ ଚାଷୀ ସୋସାଇଟି, ରାଜସ୍ୱ ଅଫିସ ଓ ତହସିଲଦାର ଅଫିସ ଧାଇଁ ଧାଇଁ ହଇରାଣ ହେଉଛନ୍ତି। ଏବେ ଧାନ ରୁଆ କାମରେ ବ୍ୟସ୍ତ ଥିବା ବେଳେ ଏବେ ପଞ୍ଜୀକରଣ ସମସ୍ୟା ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାଷୀ। ପୁଣି ଠାକୁରଙ୍କ ଜମି ଏବଂ ଯୁଗ୍ମ ପଟ୍ଟାଧାରୀଙ୍କ ଜମି ମଧ ପଞ୍ଜୀକରଣ ହୋଇ ପାରୁନାହିଁ। ତେଣୁ ପଞ୍ଜୀକରଣ ତାରିଖ ଅବଧି ବଢ଼ାଯାଉ ଏବଂ ଏହାର ତଦନ୍ତ କରି ଜମି ଚାଷ କରୁଥିବା ଚାଷୀଙ୍କ ନିଜସ୍ୱ ଘୋଷଣା ପତ୍ର ଏବଂ ରାଜସ୍ୱ ଅଧିକାରୀଙ୍କ ଅନୁମୋଦନରେ ପଞ୍ଜୀକରଣ କଲେ ଚାଷୀମାନେ ଉପକୃତ ହେବେ ବୋଲି ସେମାନେ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର



ନୂଆଗଡ଼, ୨୨।୮ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ତିତିସିଂ ପଞ୍ଚାୟତ ସଭା ଗୃହରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ନିମନ୍ତେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଶୀନଗର ବ୍ଲକ ଅତିରିକ୍ତ ଲେବର ଅଫିସର ମାନସ କୁମାର ସାହୁ, ସ୍ଥାନୀୟ ବ୍ଲକ ଅତିରିକ୍ତ ଲେବର ଅଫିସର ଅମିତ୍ କୁମାର ନାୟକ ଓ ପବିତ୍ର ମହାପାତ୍ର ଉପସ୍ଥିତ ରହି ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକଙ୍କ ପାଇଁ ସରକାରୀ ଆଇନରେ ଥିବା ସୁବିଧା, ସୁଯୋଗ ଓ ଅଧିକାର ଉପରେ ଆଲୋଚନା କରି ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବହୁ ପୁରୁଷ, ମହିଳା ଶ୍ରମିକ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ଚମ୍ପାବତୀ ରାଇତ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶିଳ୍ପା ବିଶୋଇ, ଗ୍ରାମ ରୋଜଗାର ସେବକ ଶେଷଦେବ ରାଉଳ ସହଯୋଗ କରିଥିଲେ।

## ସାଇବର ଠକେଇ ଓ ଯୌନ ଉତ୍ପୀଡ଼ନ ସଚେତନତା




କୁକୁଡ଼ାଖଣ୍ଡି, ୨୨।୮ (ସମିସ): କୁକୁଡ଼ାଖଣ୍ଡି ସ୍ଥିତ ବିଜ୍ଞାନ ମହାବିଦ୍ୟାଳୟରେ ସ୍ଥାନୀୟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆନୁକୂଲ୍ୟରେ ବିଭିନ୍ନ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓ.ଜି.ବି ଶାଖା ପରିଚାଳିକା ମନୀଷା ଜେନା ଏବଂ ବ୍ରହ୍ମପୁର ୟୁ.ବି.ଆଇ ବ୍ୟାଙ୍କ ଅଧିକାରୀ ଦିଲୀପ ଦଳାଇ ଯୋଗଦେଇ ବ୍ୟାଙ୍କ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ବିଷୟରେ ଅବଗତ କରାଇବା ସହ ଅନଲାଇନ୍ କ୍ରାଇମ୍ ଏବଂ ସାଇବର ଠକେଇ ବିଷୟରେ ସଚେତନ କରିଥିଲେ। ଏହି ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସଦର ଥାନା ଅଧିକାରୀ ରାମ ସୁବ୍ରମନ୍ୟୁ ଏବଂ ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ସାଇବର ଥାନା ଏସ.ଆଇ ଏ. ସ୍ୱର୍ଣ୍ଣଲତା ପାତ୍ର ଉପସ୍ଥିତ ରହି ସାଇବର ଠକେଇ ଏବଂ ଯୌନ ଉତ୍ପୀଡନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କମଲ କୁମାର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ଦିବସରେ ଫଳ ବଣ୍ଟନ



ଛତ୍ରପୁର, ୨୨।୮ (ସମିସ): ବରିଷ୍ଠ ନାଗରିକ ଦିବସ ଅବସରରେ ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ପକ୍ଷରୁ ଅଗସ୍ତିନୁଆଗାଁ ସ୍ଥିତ ଚିଦାନନ୍ଦ ଦିବ୍ୟ ଧାମ ଆଶ୍ରମରେ ରହୁଥିବା ବରିଷ୍ଠ ନାଗରିକଙ୍କୁ ଫଳ ବଣ୍ଟନ କରାଯାଇଛି। ଟ୍ରଷ୍ଟର ସଭାପତି ତଥା ଛତ୍ରପୁର ଏନ୍‌ଏସିର ୧୦ ନଂ. କାଉନସିଲର ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ପରାମର୍ଶଦାତା ଡ. ପ୍ରଶାନ୍ତ ଶତପଥି, ୧୧ନଂ କାଉନସିଲର ସନ୍ତୋଷୀ ସେଠୀ, ୯ ନଂ କାଉନସିଲର ପ୍ରତିଛନ୍ଦା ସାମଲ, କାହ୍ନୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମା' ରାମଚଣ୍ଡୀ ପୀଠରେ ନୂତନ ପୂଜା କମିଟି



ଗଞ୍ଜାମ, ୨୨।୮ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ମା' ରାମଚଣ୍ଡୀ ଶକ୍ତିପୀଠରେ ଚଳିତ ବର୍ଷ ପୁଣି ନୂତନ ପୂଜା କମିଟି ଗଠନ କାରାଯାଇଛି। ମା' ରାମାୟଣୀଙ୍କ ଯାତ୍ରା କମିଟି ସଭାପତି ଏ.ଦୟାନନ୍ଦ ରେଡ୍ଡୀ, ମା' ରାମଚଣ୍ଡୀ ପୂଜା କମିଟିର ସଭାପତି ଭାବେ ଏବଂ ଛତ୍ରପୁର ଅଞ୍ଚଳର ଯୁବ ସମାଜସେବୀ ବିମଳ ପଣ୍ଡା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୩ଜଣ ଉପ ସଭାପତି ଭାବେ- ରାଜେନ୍ଦ୍ର ପଲେଇ, ଦିବାକର ନାୟକ, ଶିବରାମ ନାୟକ, ସହ ସମ୍ପାଦକ - ଦଣ୍ଡପାଣି ମହାରଣା, କୋଷାଧକ୍ଷ -କୁଞ୍ଜବିହାରୀ ନାୟକ ଉପଦେଷ୍ଟା ମଣ୍ଡଳୀ-ଦିପ୍ତୀସ ପଟ୍ଟନାୟକ (ସାଂସଦ ପ୍ରତିନିଧି), କୃଷ୍ଣ ଚନ୍ଦ୍ର ନାୟକ (ମହାରାଜ), କ୍ଷୀରୋଦ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ତୁଷାରକାନ୍ତ ପାଣ୍ଡୀ, ଆଦିତ୍ୟ ପଟନାୟକ, ବଂଶୀଧର ନାୟକ, ତ୍ରିନାଥ ନାୟକ, ନାରାୟଣ ଚର୍ଡୀ, ପରାମର୍ଶଦାତା ଭାବେ ପଣ୍ଡିତ ଜଗନ୍ନାଥ ପଣ୍ଡା, ରବୀନ୍ଦ୍ର କୁମାର ପଣ୍ଡା, ଦୁର୍ଗାମାଧବ ପାଣିଗ୍ରାହୀ, କେ.ସାଇ କ୍ରିଷ୍ଣା, ତ୍ରିପତି ବାଲାଜୀ ମିଶ୍ର, ବି. ଶ୍ରୀନିବାସ ରାଓ, ସନ୍ତୋଷ କୁମାର ମିଶ୍ର, କ. ସତ୍ୟନାରାୟଣ ରେଡ୍ଡୀ, ରାଜେଶ କୁମାର ମିଶ୍ର, ଦୀପକ କୁମାର ଦାସ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ସହ ସଂଯୋଜକ ତୁଷାର ଶତପଥୀ, ଜୀବନ ମହାରଣା, ମନୋଜ ମିଶ୍ର, ଉପସ୍ଥିତ ଥିଲେ।

## ମାଇ ଭାରତର ସଦ୍‌ଭାବନ ଦିବସ କାର୍ଯ୍ୟକ୍ରମ




ଫୁଲବାଣୀ, ୨୨।୮ (ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ମାଇ ଭାରତ ଫୁଲବାଣୀ ତରଫରୁ ସରକାରୀ ଜିଲ୍ଲା ନିଯୁକ୍ତି କାର୍ଯ୍ୟାଳୟ ସଭାଗୃହରେ ସଦଭାବନ ଦିବସ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର୍ ନାୟକ, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷା ବିଭାଗର ଏଏସ୍‌ଆଇ ନବ କିଶୋର ରଥ, ଜିଲ୍ଲା ନିୟୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର, ଶିଶୁ ସମାଜ ମଙ୍ଗଳ କାର୍ଯ୍ୟାଳୟ କମିଟିର ସଦସ୍ୟ ପ୍ରଫେସର ପ୍ରସନ୍ନ ବିଶୋଇ, ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ଫୁଲବାଣୀର ସୁବ୍ରତ କୁମାର ଦାସ, ଭିକ୍ରମ୍ ଦାସ, ସରିତା ପଟ୍ଟନାୟକ, ସେଲିନାମୟୀ ରାୟ ଏବଂ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ଯୋଗ ଦେଇଥିଲେ। ଏହି ଦିବସରେ ସ୍ୱର୍ଗତ୍ ପ୍ରଧାମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା ମୁଖ୍ୟ ବିଷୟବସ୍ତୁ ଥିଲା। ଏହି ଅବସରରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୈଠକରେ ମାଇ ଭାରତ କନ୍ଧମାଳର ସହକର୍ମୀ ସତ୍ୟବାନ୍ ଦଳବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ମିନୀ କହଁର ଧନ୍ୟବାଦ୍ ଅର୍ପଣ କରିଥିଲେ।

## କୁମ୍ଭୀର ସଂରକ୍ଷଣ ଓ ମତ୍ସ୍ୟଜୀବୀଙ୍କ ଜୀବିକା ସମ୍ପର୍କିତ ବୈଠକ

# ଘୋଡ଼ାହାଡ଼ ଡ୍ୟାମ୍‌ରୁ ସତର୍କତାର ସହ ମାଛ ଧରିବାକୁ ମିଳିଲା ଅନୁମତି

ଦିଗପହଣ୍ଡି, ୨୨।୮ (ସମିସ)



ଦିଗପହଣ୍ଡି ସ୍ଥିତ ଶ୍ରୀ ଗୁପ୍ତେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଘୋଡାହାଡ ଡ୍ୟାମ ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଏବଂ ଡ୍ୟାମରେ ରହୁଥିବା କୁମ୍ଭୀରଙ୍କ ସୁରକ୍ଷାକୁ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବନାଞ୍ଚଳ ରେଞ୍ଜର ଦିବ୍ୟ ରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇଥିଲେ। ସେହିପରି ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନିଖିଳ ମହାରଣା, ବନପାଳ ସନ୍ତୋଷ କୁମାର ବିଷୋୟୀରତ୍ନ, ଦିଗପହଣ୍ଡି ଏନ୍‌ଏସି ନଗରପାଳ ପ୍ରଫୁଲ୍ଲ ପଣ୍ଡାଙ୍କ ସମେତ ୩୫ ଜଣ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ। ଗତ ପ୍ରାୟ ୨ବର୍ଷ ହେଲା ଆବଶ୍ୟକ ବର୍ଷା ଅଭାବରୁ ଘୋଡ଼ାହାଡ଼ ଡ୍ୟାମେର ପାଣିର ଅଭାବ ରହିଛି। ଏପରିକି ଡ୍ୟାମରେ ରହୁଥିବା କୁମ୍ଭୀରଙ୍କ ସୁରକ୍ଷା ଦୃଷ୍ଟିରୁ ଗତ ପ୍ରାୟ ୨ବର୍ଷ ପୂର୍ବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗ ପକ୍ଷରୁ ଡ୍ୟାମରୁ ମାଛ ଧରିବାକୁ ମତ୍ସ୍ୟଜୀବୀ ତଥା ମାଁ ବାଙ୍କେଶ୍ୱରୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସଦସ୍ୟଙ୍କୁ ବାରଣ କରାଯାଇଥିଲା। ଫଳରେ ମତ୍ସ୍ୟଜୀବୀ ମାନେ ନିଜର କୌଳିକ ବୃତ୍ତି ହରାଇବା ସହ ଜୀବନ ଜୀବିକାକୁ ନେଇ ଚିନ୍ତାରେ ରହୁଥିଲେ। ତେବେ ଚଳିତ ବର୍ଷ ଘୋଡ଼ାହାଡ଼ ଡ୍ୟାମ୍ ଅଞ୍ଚଳରେ ଭଲ ବର୍ଷା ଫଳରେ ଡ୍ୟାମରେ ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି। ଯାହାକୁ ନେଇ ସ୍ଥାନୀୟ ବିଧାୟକ, ବନବିଭାଗ ଏବଂ ମତ୍ସ୍ୟ ସମ୍ପ୍ରସାରଣ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ମତ୍ସ୍ୟଜୀବୀମାନଙ୍କୁ ଡ୍ୟାମ୍‌ରୁ ମାଛ ଧରିବାକୁ ଅନୁମତି ଦିଆଯାଇଥିଲେ ମଧ ମତ୍ସ୍ୟଜୀବୀ ଜାଲ ପକାଉଥିବାବେଳେ ଯେପରି କୁମ୍ଭୀରମାନଙ୍କ କ୍ଷତି ନହେବ ଧ୍ୟାନ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା।

## ଫଟୋଗ୍ରାଫି ପ୍ରଶିକ୍ଷଣ ଶିବିର




ପାତ୍ରପୁର, ୨୨।୮ (ସମିସ): ପାତ୍ରପୁର ବ୍ଲକ ଫଟୋଗ୍ରାଫି ୱେଲଫେୟାର ଆସୋସିଏସନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଫଟୋଗ୍ରାଫି ପ୍ରଶିକ୍ଷଣ ଶିବିର ଗୁରୁବାର ପାତ୍ରପୁର ବ୍ଲକ ଭୈରବୀ ଚାଞ୍ଚଡାଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ନୀଳାଞ୍ଚଳ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉକ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧିକାରୀ ମନୋଜ କୁମାର ପାତ୍ର ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଓପିଏସ୍ ସଭାପତି ସଞ୍ଜୟ କୁମାର ପ୍ରଧାନ, ଓପିଏସ୍ ଉପଦେଷ୍ଟା ଗୌରୀଶଙ୍କର ମହାକୁଡ, ରମାକାନ୍ତ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ପଡୋଶୀ ଆନ୍ଧ୍ର, ଚିକିଟି, ପାତ୍ରପୁର ଓ ଶେରଗଡ଼ ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଫଟୋଗ୍ରାଫର ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଦୀପକ ଅଗ୍ରୱାଲ, ଦେବେଶ ମାଝି, ଦେବାଂଶୁ ପଟ୍ଟନାୟକ ଯୋଗଦେଇ ଫଟୋଗ୍ରାଫର ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସେହିଭଳି ସନ୍ତୋଷ କୁମାର ବେଜ, ସୁଶାନ୍ତ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସୀମାନ୍ତ ସାମ୍ବାଦିକ ସଂଘର ସାମ୍ବାଦିକ ମାନଙ୍କୁ ସମ୍ମାନୀତ କରାଯାଇଥିବାବେଳେ ଚିକିଟି ଓ କାବିଟି ଫଟୋଗ୍ରାଫର ଆସୋସିଏସନ୍‌ର ସଭାପତି ସମ୍ପାଦକଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ମନୋରଞ୍ଜନ ରଣା, ଉପସଭାପତି ଅନାଦୀ ଚରଣ ପଣ୍ଡିତ, ରାଜେଶ ବେହେରା, ତ୍ରିପତି ସାହୁ ପ୍ରମୁଖ ପରିଚାଳନା କରିଥିଲେ। ମିଟୁ ସାହୁ, ପ୍ରଶାନ୍ତ ତିଆଡି, ଭାସ୍କର ତିଆଡି, ଦାଶରଥି ରେଡି ପ୍ରମୁଖ ସହଯୋଗ କରିଥିଲେ।

